সম্পূর্ণ নিরপেক্ষ সাধারণ লোকঙ্କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.24 . No.254 Bhubaneswar Sunday, November 28, 2021 ୨୪ତମ ବର୍ଷ ସଂଖ୍ୟା–୨୫୪ ଭୁବନେଶ୍ୱର ରବିବାର, ନଭେମ୍ବର ୨୮, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

ବିଜେଡି କର୍ମୀଙ୍କ ନାରାବାଜି, ବିରୋଧକୁ ଅଭିମାନ କହିଲେ ଅପରାଜିତା

ଭୁବନେଶ୍ୱର,୨୭।୧୧(ପି.ଏନ): ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ବିରୋଧ ପ୍ରଦର୍ଶନ। ନୟାପଲ୍ଲୀ ଖଣ୍ଡୁଆଳ ବସ୍ତିକୁ ଯାଇଥିବା ବେଳେ କିଛି ବିଜେଡି କର୍ମୀ ସାଂସଦଙ୍କୁ ବିରୋଧ କରିଛନ୍ତି। ନୟାପଲ୍ଲୀ ଅଞ୍ଚଳରେ ନିଜ କର୍ମୀଙ୍କ ସହ ପଦଯାତ୍ରାରେ ବାହାରିଥିଲେ ଭୁବନେଶ୍ୱର ସାଂସଦ। ଏହି ସମୟରେ କିଛି ବିଜେଡି ନେତା ଓ କର୍ମୀ ଏଲ୍ ?ପିଜି ସିଲିଣ୍ଡର ଦର ବୃଦ୍ଧି ପ୍ରସଙ୍ଗକୁ ନେଇ ଅପରାଜିତାଙ୍କୁ ବିରୋଧ କରିଛନ୍ତି। ରାଜ ରାସ୍ତାରେ ଚୁଲି ଜାଳି ସାଂସଦଙ୍କୁ ବିରୋଧ କରିବା ସହ ନାରାବାଜି ଦେଇଛନ୍ତି। ସେପଟେ ଆଜିର ଘଟଣା ବିରୋଧ ନୁହେଁ ବରଂ ଅଭିମାନ ଓ ଅଳି ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ। ସବୁ ପ୍ରକାରର ବିରୋଧ ଓ ସମର୍ଥନକୁ ମୁଁ ସ୍ୱାଗତ କରୁଛି ବୋଲି ସେ କହିଛନ୍ତି। ସେ ଭୁବନେଶ୍ୱରର ସାଂସଦ, ଯେଉଁମାନେ ବିରୋଧ କରୁଛନ୍ତି ସେମାନଙ୍କ କିଛି କାରଣ ପାଇଁ ଅଭିମାନ ରହିଛି। ଦଳ ମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହୋଇ ଭୁବନେଶ୍ୱରର ବିକାଶ ପାଇଁ ଆଗେଇ ଆସନ୍ତୁ ବୋଲି ଅପରାଜିତା ଆହ୍ୱାନ କରିଛନ୍ତି। ଖାଲି ଏତିକି ନୁହେଁ ଗତ ଦୁଇ ଦିନ ତଳେ ବିଜେଡି କର୍ମୀଙ୍କ ବିରୋଧ ପ୍ରଦର୍ଶନ ଘଟଣାକୁ ନେଇ ବି ଆଜି ପ୍ରତିକ୍ରିୟା ରଖିଛନ୍ତି ଅପରାଜିତା।ଅଣ୍ଡାମାଡ, ଟମାଟୋ ମାଡ କିମ୍ବା କାହାକୁ ପଥର ମାଡ କରିବା ଠିକ୍ ? ନୁହେଁ। ଆଚାର୍ଯ୍ୟ ବିହାର ଘଟଣା ପରେ ସେ ଅସୁରକ୍ଷିତ ମନେ କରୁଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ ତାଙ୍କୁ ସୁରକ୍ଷା ପ୍ରଦାନ କରିବା, ଯାହା ସେ ଆଜି କରୁଛନ୍ତି ବୋଲି କହଛନ୍ତି ଅପରାଜିତା। ଆଜି ସାଂସଦ ଅପରାଜିତା ଷଡ଼ଙ୍ଗୀ ନୟାପଲ୍ଲୀ ସମେତ ଆଖପାଖ ଅଞ୍ଚଳରେ ପଦଯାତ୍ରା ଆୟୋଜନ କରିଥିଲେ। ସାହି ସାହି ବୁଲି ବିଭିନ୍ନ ଲୋକଙ୍କ ସହ କଥା ହେବା ସହ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି

ଖଣ୍ଡପଡା, ୨୭।୧୧(ପି.ଏନ): ଅଦିନିଆ ବର୍ଷାର ପ୍ରଭାବରେ ସମଗ୍ର ଖଣ୍ଡପଡା ନିର୍ବାଚନମଣ୍ଡଳୀର ଧାନ ଚାଷୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । ଜମିରେ କଟା ହୋଇ ପଡିଥିବା ଧାନ ଓ ଅମଳ ନିମନ୍ତେ ଖଳାରେ ଗଦା ହୋଇଥିବା ଧାନକଳେଇ ଗୁଡିକ ବର୍ଷାରେ ଓଦା ହୋଇ ଗଜା ବାହାରିବାକୁ ଲାଗିଲାଣି । ଏଭଳି ପରିସ୍ଥିତିକୁ ନେଇ ଗାଁ ଗଣ୍ଡାର ଶହଶହ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ଶାଗମାଛ ଦରରେ ମହାଜନ ଓ ଦଲାଲମାନଙ୍କୁ ଧାନ ବିକ୍ରି କାରିବାକୁ ବାଧ୍ୟ ହେଉଛନ୍ତି । ଅପରପକ୍ଷେ ସରକାରଙ୍କ ପକ୍ଷରୁ ଅଦ୍ୟାବଧି କେଉଁଠି ହେଲେ ଧାନମଣ୍ଡି ଖୋଲିନଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଖଣ୍ଡପଡା ବ୍ଲକ ଅଚଂଳର ବେଣାଗାଡିଆ, ଶାଳଝରିଆ, ସିଧାମୂଳା ସମେତ ବିଭିନ୍ନ ପଚାଂୟତର କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପୂର୍ବତନ ବିଧାୟକ ସିର୍ଦ୍ଦାଥଶେଖର ସିଂ ଭେଟି ଏ ସଂପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆନୁସଙ୍ଗିକ ସରକାରୀ ସହୟତା ଯୋଗାଇଦେବା ନିମନ୍ତେ ବ୍ଲକ ପ୍ରଶାସନ, ଜିଲ୍ଲାପାଳ, କୃଷିମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ନେଇ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ବ୍ଲକ କୃଷୀଅଧିକାରି କ୍ଷେତ୍ର ପରିଦର୍ଶନ କରି ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ଭେଟି କ୍ଷୟକ୍ଷତିର ଆକଳନ କରିବାକୁ ସାଧାରଣରେ ଦାବି ହେଉଛି ।

ଗୋଟିଏ ଦିନରେ ୨୧୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୭।୧୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୧୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୮୨୨୮କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୩୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୭ ହଜାର ୩୮୭ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୩୮୫ ରହିଛି । ଆଜି ଚିହ୍ନଟ ହୋଇଥିବା ୨୧୯ ଜଣଙ୍କ ମଧ୍ୟରୁ ୧୩୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୯୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ୧୬ ବାଲେଶ୍ୱର ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଭଦ୍ରକ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗିରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବୌଦ୍ଧ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୧୫ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଜପତିରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରେ ୬, ଜଗତସିଂହପୁର ଜିଲ୍ଲାରୁ ୫ ଜଣ, ଯାଜପୁରରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୯୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମାଲକାନଗିରି ଜିଲ୍ଲାରୁ ୧, ମୟୂରଭଞ୍ଜ ଜିଲ୍ଲାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୦ ଜଣ ଓ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୦ ଜଣ ଓ ଷ୍ଟେଟ୍ ପୁଲରୁ ୨୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ପାରାଦୀପ ପୌରାଂଚଳକୁ ମୁକ୍ତା ଯୋଜନାରେ ମିଳିଲା ଆର୍ଥିକ ଅନୁଦାନ

ପାରାଦୀପ,୨୭।୧୧(ପି.ଏନ): ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ପାରାଦୀପ ପୌରାଂଚଳକୁ ସାମିଲ କରାଯାଇଥିବାରୁ ପାରାଦୀପ ସହରବାସୀ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ଅବସରରେ ପାରାଦୀପ ନୂଆବଜାରସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟ ପରିସରରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ସ୍ଥାନୀୟ ବିଧାୟକ ସମ୍ବିତ ରାଉତରାୟ । ବିଧାୟକ ଭାବେ ନିର୍ବାଚିତ ହେବା ପରେ ପ୍ରଥମ ଥର ପାଇଁ ପାରଦୀପର ଗଣମାଧ୍ୟମର ପ୍ରତିନିଧିଙ୍କୁ ଭେଟି ମୁକ୍ତା ଯୋଜନାରେ ପାରାଦୀପକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସାମିଲ କରିଥିବାରୁ ଧନ୍ୟବାଦ ଜଣାଇବା ସହ ୫ଟି ସଚୀବଙ୍କୁ ସେ ଧନ୍ୟବାଦ ଜଣାଇଥିଲେ । ଏହି ବୈଠକରେ ପାରାଦୀପ ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳ ଏହି ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ପାରାଦୀପର ୧୯ ଗୋଟି ୱାର୍ଡ ମଧ୍ୟରୁ ୧୨ଗୋଟି ୱାର୍ଡ ଏହି ଯୋଜନାରେ ସାମିଲ ହୋଇଛି । ଏହି ୧୨ ଗୋଟି ୱାର୍ଡରେ କ୍ଷୁଦ୍ର ଉଦ୍ୟାନ, ପବ୍ଲିକ୍ ଜିମ୍,ଚାଲିବା ରାସ୍ତା, ଜଳାଶୟ, ଖେଳ ପଡିଆ, ରାସ୍ତା କଡରେ ବିକ୍ରୟ ସ୍ଥଳୀ, ରାସ୍ତା ଓ ଡ୍ରେନ୍,ରାସ୍ତା ଆଦି ୫୫ଟି ପ୍ରକଳ୍ପ ନିମନ୍ତେ ରାଜ୍ୟ ସରକାର ୮କୋଟି ୪ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ଯୋଗାଇ ଦେବା ନିମନ୍ତେ ସ୍ୱିକୃତି ପ୍ରଦାନ କରିଛନ୍ତି । ଏହି ବୈଠକରେ ବରିଷ୍ଠ ବିଜେଡି ନେତା କୁମରବର ନାୟକ, ନଗର ବିଜେଡି ସମ୍ପାଦକ ଶଙ୍କର ପ୍ରସାଦ ରାଉତ,ବିଜୁ ମହିଳା ଜନତା ଦଳର ନଗର ସଭାନେତ୍ରୀ ଚପଳା ସ୍ୱାଇଁ, ପୂର୍ବତନ ପୌର ଉପାଧକ୍ଷା ପ୍ରଭାତୀ ନାୟକ, ଆଇନଜୀବୀ ସୁରେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

ଦୁଇ ଦିନିଆ ଗସ୍ତ ଶେଷ କରି ଫେରିଗଲେ କେନ୍ଦ୍ର ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର

ପାରାଦୀ,୨୭।୧୧(ପିଏନ):ପାରାଦୀପକୁ ଦୁଇଦିନିଆ ସରକାରୀ ଗସ୍ତରେ ଆସି ଶନିବାର ଦିନ ଫେରିଯାଇଛନ୍ତି କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ବିଭାଗର ରଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର । ଶୁକ୍ରବାର ଦିନ ବନ୍ଦର ପୋତାଶ୍ରୟ ଅଂଚଳ ବୁଲି ଦେଖିବା ସହ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭେଟିଥିଲେ । ଶନିବାର ଦିନ ମାନ୍ୟବର ମନ୍ତ୍ରୀ ନୂଆବଜାର ଅଂଚଳରେ ସିଓେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ବୃକ୍ଷରୋପଣ କରିଥିଲେ । ସେଠାରେ ୨ଏମ୍.ଏଲ୍.ଡି. ସିଓେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ର ଲୋକାର୍ପଣ କରିଥିଲେ । ଟ୍ରେଡ୍ ସେଣ୍ଟର-୨ ସମ୍ମୁଖରେ ନୂଆ କ୍ରୀଡା ଛାତ୍ରାବାସ ଓ ବାତ୍ୟା ଆଶ୍ରୟସ୍ଥଳର ଶିଳାନ୍ୟାସ କରିଥିଲେ । ବନ୍ଦର ପୋତାଶ୍ରୟ ମଧ୍ୟରେ ସିକ୍ୟୁ-୧ ଓ ୨ବର୍ଥରେ ଯାତ୍ରୀକ ଧୂଳିକଣା ରୋକିବା ଯନ୍ତ୍ରର ଉଦଘାଟନ କରିଥିଲେ ମାନ୍ୟବର ମନ୍ତ୍ରୀ । ବନ୍ଦର ପ୍ରଶାସନିକ ଭବନ ପରିସରରେ ବନ୍ଦରର ବିଭାଗୀୟ ମୁଖ୍ୟମାନଙ୍କ ସହିତ ବନ୍ଦରର କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ ।

ବିନ୍ଦୁ ସାହିତ୍ୟ ସମାଜର ବାର୍ଷିକୋତ୍ସବ

ଭୁବନେଶ୍ୱର, (ପି.ଏନ): ଆସନ୍ତା ତାଃ୫/୧୨/୨୦୨୧ରିଖ ସକାଳ ୧୦ଘଟିକା ସମୟରେ ବିନ୍ଦୁ ସାହିତ୍ୟ ସମାଜର ବାର୍ଷିକୋତ୍ସବ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ନୈତିକ ସମାଜର ମୁଖ୍ୟ ପ୍ରଶାସନିକ ଅଧିକାରୀ, ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସଚିବ, ବରିଷ୍ଠ ସାମ୍ବାଦିକ ତଥା ବିଶିଷ୍ଟ ସମାଜସେବୀ, ଡ.ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଓ ମୁଖ୍ୟ ବକ୍ତାରୂପେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସୁସାହିତ୍ୟିକା, ସାମ୍ବାଦିକା, ଉତ୍କଳ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟର ପ୍ରାକ୍ତନ ମୁଖ୍ୟ ଡ.ସଂଘମିତ୍ରା ମିଶ୍ର ଯୋଗଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଉତ୍ସବରେ ସଭାପତିତ୍ୱ କରିବେ ବିନ୍ଦୁ ସାହିତ୍ୟ ସମାଜର ଅଧକ୍ଷ, ସୁସାହିତ୍ୟିକ ତଥା ସମାଜସେବୀ ପ୍ରଫେସର ନିତ୍ୟାନନ୍ଦ ମିଶ୍ର । ଉକ୍ତ ଉତ୍ସବରେ ସାହିତ୍ୟ ପ୍ରେମୀମାନେ ଯୋଗ ଦେବାକୁ ବିନ୍ଦୁ ସାହିତ୍ୟ ସମାଜ ତରଫରୁ ଅନୁରୋଧ କରା ଯାଇଛି ।

ସିନ୍ଦୂର ଆଶାରେ ଆସିଥିଲେ, ଧୋକା ଦେଲା ପ୍ରେମିକ; ଶେଷରେ ଫାଣ୍ଡିରେ ଦୁଷ୍କର୍ମ ଶିକାର !



ଚୌଦ୍ୱାର,୨୭।୧୧(ପି.ଏନ): ସିନ୍ଦୂର ଆଶାରେ ଆସିଥିଲେ! ଦୁଇ ଦିନ ଧରି ଶାରୀରିକ ସମ୍ପର୍କ ରଖିବା ପରେ ଧୋକା ଦେଲା ପ୍ରେମିକ। ପ୍ରତାରଣା କରି ଅନ୍ଧାର ରାତିରେ ନିଛାଟିଆ ରାସ୍ତାରେ ଛାଡି ଚାଲିଗଲା। ପ୍ରେମିକଠାରୁ ଧୋକା ଖାଇଲା ପରେ ଆଶ୍ରୟ ନେବା ପାଇଁ ଫାଣ୍ଡିକୁ ଯାଇଥିଲେ। ହେଲେ ଫାଣ୍ଡିରେ ଖାକି ଭୟଙ୍କର ଖେଳ ଖେଳିଲା! ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା। ଜୀବନ ବଞ୍ଚାଇ ତା' କବଳରୁ ମୁକୁଳି ଥାନାରେ ପହଞ୍ଚିଲେ ଯୁବତୀ। ଶୁକ୍ରବାର ରାତିରେ ଏପରି ଘଟଣା କଟକ ମଙ୍ଗୁଳି ଫାଣ୍ଡିରେ ଘଟିଥିଲା। ଏନେଇ ଅଭିଯୋଗ ହେବା ପରେ ପୁଲିସ ତିନି ଅଭିଯୁକ୍ତକୁ ଗିରଫ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।ଆଠଗଡ଼ କୁମାରପୁର ଅଞ୍ଚଳର ଗୋପାଳ ସାମଲ ପେଶାରେ ଜଣେ ଟ୍ରକ୍ ହେଲ୍‌ପର। ସେ ପୁରାର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ବାହା ହେବାର ପ୍ରତିଶ୍ରୁତି ଦେଇ ଗତ ୨୪ ତାରିଖରେ ତାଙ୍କୁ ସାଥୀରେ ଡାକି ଆଣିଥିଲା। ତାଙ୍କ ସହିତ ଗୋପାଳ ଦୁଇ ଦିନ ଧରି ଶାରୀରିକ ସମ୍ପର୍କ ରଖିବା ଅଭିଯୋଗ ହୋଇଥିଲା। ପରେ ଗୋପାଳ ଯୁବତୀଙ୍କୁ ତାଙ୍କ ସାଥୀ ଟ୍ରକ୍ ? ଚାଳକ ଆଠଗଡ଼ ନୂଆପାଟଣା ଅଞ୍ଚଳର ନବ କିଶୋର ନାୟକଙ୍କ ଘରେ ରଖିଥିଲା। ସେଠାରେ ରହଣୀ ସମୟରେ ତାଙ୍କୁ ବିରୋଧ କରିଥିଲେ ନବଙ୍କ ପତ୍ନୀ। ପତ୍ନୀଙ୍କ ବିରୋଧ ପରେ ଯୁବତୀଙ୍କୁ ନେଇଯିବା ପାଇଁ ଗୋପାଳଙ୍କୁ କହିଥିଲେ ନବ। ତା'ପରେ ଯୁବତୀଙ୍କୁ ଗୋପାଳ ସାଥୀରେ ନେଇଯାଇ ଥିଲା। ଶୁକ୍ରବାର ରାତିରେ ନିଛାଟିଆ ଜଙ୍ଗଲ ଭିତରେ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଥିଲା। ପରେ ଗୋପାଳ ଯୁବତୀଙ୍କୁ ମଙ୍ଗୁଳି ଛକରେ ଛାଡି ପଳାଇ ଯାଇଥିଲା। ଏଥିସହ ନିଜ ମୋବାଇଲ୍ ? ବନ୍ଦ କରିଦେଇଥିଲା। ରାତିରେ ପୁରୀକୁ ଫେରିବା ପାଇଁ ଗାଡି ନଥିବାରୁ ଯୁବତୀ ଜଣକ ଗୋପାଳକୁ ଫୋନ୍ କରିଥିଲେ। ମାତ୍ର ତାଙ୍କ ମୋବାଇଲ୍ ବନ୍ଦ ଥିବାରୁ ନବଙ୍କ ପାଖକୁ ଫୋନ୍ କରିଥିଲେ। ମଙ୍ଗୁଳି ଫାଣ୍ଡିକୁ ଯିବା ପାଇଁ ଯୁବତୀଙ୍କୁ ନବ କହିଥିଲେ। ଏହା ପରେ ଯୁବତୀ ଜଣକ ଫାଣ୍ଡିକୁ ଯାଇଥିଲେ। ସେଠାରେ ନିୟୋଜିତ ଥିବା ହୋମଗାର୍ଡ ବିନୟ ଦାସ ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏହା ପରେ ଯୁବତୀ ଜଣକ ଟାଙ୍ଗୀ ଥାନାରେ ପହଞ୍ଚି ଏନେଇ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଯୁବତୀଙ୍କ ପ୍ରେମିକ ଗୋପାଳ, ଡ୍ରାଇଭର ନବ ଓ ହୋମଗାର୍ଡ ବିନୟ ଦାସକୁ ଗିରଫ କରି କୋର୍ଟ ଚାଲାଣ କରିଛି ।ସେପଟେ ଯୁବତୀଙ୍କ ପରିବାରରେ କେହି ନଥିବାରୁ ପୁଲିସ ତାଙ୍କୁ କଟକ ସଖି ଆଶ୍ରମରେ ରଖିଥିବା ଜଣାପଡିଛି ।

Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ PARYABEKHYAK
Visit at:- www.pabitramohansamantaray.in

Paryabekhyak and **The Kalinga Chronicle** Group need

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
paryabekhyak@gmail.com
kalingachronicle@gmail.com
Whatsapp on: 9853400829
Visit at : www.paryabekhyak.com
www.thekalingachronicle.com

Paryabekhyak Odisha & Kalinga Chronicle TV

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
Paryabekhyak Odisha@gmail.com
Kalinga Chronicle TV@gmail.com
Whatsapp on: 9437588705
Visit at :www.paryabekhyakodisha.in
www.kalingachroniclety.in

ଟି ଟାଇମ୍

ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାରକୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ମୋଗଲ ଯୁଗର ଘଣ୍ଟେଓ୍ୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି । ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି । ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଲାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଛଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଛଲିଗଲା ।

ପୁରାଣ କାହାଣୀ

ନାରୀଙ୍କ ସାତଟି ବିଶେଷ ଗୁଣ

ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ୱର୍ଗ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

କୁକୁର ପେଟରେ ଅଜବ ଖାଦ୍ୟ

ଆମେରିକାର ପେଙ୍ଗିସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଡୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

ଓଲଟା ଚଲିବାର ଅଭ୍ୟାସ

ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି । ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚଲିଥାନ୍ତି । ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢଙ୍ଗରେ ଚଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚଲିଥାନ୍ତି। ଫଳରେ ସିଧା ଚଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

ଆଜିର ଭାଗ୍ୟ

ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସଂସ୍ଥାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

ବିଛା
ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ବାରମାସର ପ୍ରଥମ ପର୍ବ : ପ୍ରଥମାଷ୍ଟମୀ

ହିନ୍ଦୁ ପରମ୍ପରାରେ ବର୍ଷର ପ୍ରଥମ ମାସ ହେଉଛି ମାର୍ଗଶୀର। ଏହି ମାସର କୃଷ୍ଣପକ୍ଷ ଅଷ୍ଟମୀ ଦିନକୁ କୁହନ୍ତି ପ୍ରଥମାଷ୍ଟମୀ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ। ଏହା ପୂର୍ବରୁ ଆଉ କୌଣସି ପର୍ବ ପାଳିତ ହୁଏ ନାହିଁ। ଏମିତିକି ମାର୍ଗଶୀର ମାସର ପ୍ରଥମ ଗୁରୁବାର ପଡ଼ିଲେବି, ଏହା ପର୍ବ ରୂପେ ପାଳିତ ହୁଏ ନାହିଁ। ଏଣୁ ଯଥାର୍ଥରେ କୁହାଯାଇଛି: ***"ଅଷ୍ଟମୀ ନୋହୁଣୁ ଯେବେ ଗୁରୁବାର ହୋଇ/ପୂଜିଲେ ହେଁ ମହାଲକ୍ଷ୍ମୀ ପୂଜା ନଘେନଇ।।"*** ଏହି ଅର୍ଥରେ ପର୍ବକୁ ନେଲେ ବର୍ଷଚକ୍ରରେ ପ୍ରଥମେ ପ୍ରଥମାଷ୍ଟମୀ।

ଆମର ପାଳିତ ହେଉଥିବା ପର୍ବମାନେ କାହାର ନା' କାହା ସହିତ ସମ୍ବନ୍ଧିତ; ଯେମିତି ରାକ୍ଷୀରେ ଭଉଣୀର ସୁରକ୍ଷା ଅର୍ଥରେ ରାକ୍ଷୀବନ୍ଧନ; ତଅପୋଇ ଓଷାରେ ଭାଇମାନଙ୍କ ନିରାପତ୍ତା ପାଇଁ ଭଉଣୀର ମଙ୍ଗଳାଙ୍କ ପାଖରେ ନିବେଦନ, ସନ୍ତାନମାନଙ୍କର ମଙ୍ଗଳ କାମନା କରି ଷଠୀବୁଢ଼ୀ ପାଖରେ ମା'ମାନଙ୍କ ଓଷା। ସେମିତି ମାମୁଁ ଘର ସଂପର୍କ ନେଇ ଜ୍ୟେଷ୍ଠ ଭଣଜା, ବା ଭାଣେଜିଙ୍କୁ ନେଇ ପର୍ବ, ତାହାକୁ କୁହନ୍ତି ପ୍ରଥମାଷ୍ଟମୀ। ଏହି ପର୍ବଟି ଉଭୟ କୃଷିଭିତ୍ତିକ ଏବଂ ପାରିବାରିକ ଓ ରକ୍ତ ସଂପର୍କିତ, ପୁଣି ଏ ଦେବ ଓ ମାନବ ସମାଜର।

ଏହା କୃଷିଭିତ୍ତିକ; କାରଣ ଏହି ମାସରେ ଧାନ ଅମଳ ହୁଏ। ଧାନ ଆମ ଅନ୍ନ, ଅନ୍ନଦାତ୍ରୀ ମା' ଲକ୍ଷ୍ମୀ। ତାଙ୍କର ଗୃହ ପ୍ରବେଶର ପ୍ରଥମ ପର୍ବ ପ୍ରଥମାଷ୍ଟମୀ ଯେଉଁଥିରେ ନୂଆ ଚାଉଳର ଏଣ୍ଡୁରି ଭୋଗ ପ୍ରଥମେ ଭୋଗ୍ୟ ଅର୍ଘ୍ୟରୂପେ ବଢ଼ାଯାଏ ପୂଜାରେ। ପୁଣି ମାଣବସା ପୂଜାରେ, ଧାନ ଆକାରରେ ବେତାରେ, ଗୌଣୀ ଓ ସେରରେ ଏବଂ ଅନ୍ନ, ପିଠା - ପଣା ଆକାରରେ ଲକ୍ଷ୍ମୀଙ୍କଠାରେ ବଢ଼ାଯାଏ। କଥାରେ ଅଛି ଜ୍ୟେଷ୍ଠାୟ ନମଃ, ଶ୍ରେଷ୍ଠାୟ ନମଃ। ଏକଥା ଆମେ କହୁ ନାହୁଁ। ଆମ ଧର୍ମୀୟ ପରମ୍ପରାରେ ଅଛି। ଆମେ ସେହି ଧର୍ମୀୟ ପରମ୍ପରାକୁ ଅନୁକରଣ ଓ ଅନୁସରଣ କରି ଆସୁଛୁ ମାତ୍ର। ଜ୍ୟେଷ୍ଠ ଭ୍ରାତା ବଳଭଦ୍ରଙ୍କୁ ଜଗନ୍ନାଥ ସମ୍ମାନ କରନ୍ତି। ଜ୍ୟେଷ୍ଠ ଭ୍ରାତା ରାମଚନ୍ଦ୍ରଙ୍କୁ ଅନ୍ୟ ତିନିଭାଇ ପିତୃତୁଲ୍ୟ ଦେଖନ୍ତି । ଏମିତିରେ ଯୁଧିଷ୍ଠିର

ଓ ତାଙ୍କ ଅନ୍ୟ ଭାଇମାନଙ୍କ ସଂପର୍କ। ଜ୍ୟେଷ୍ଠ ହିଁ ଶ୍ରେଷ୍ଠ ନ୍ୟାୟରେ ଆମେ ଜ୍ୟେଷ୍ଠ ଓ ଶ୍ରେଷ୍ଠଙ୍କୁ ପୂଜାକରି ଶିଖିଛୁ। ପ୍ରଥମାଷ୍ଟମୀ ଦିନ ଜ୍ୟେଷ୍ଠ ସନ୍ତାନପାଇଁ ମାମୁଁ ଘର ନୂତନ ବସ୍ତ୍ର, ପିଠକ ଓ ପୂଜନ ସାମଗ୍ରୀ ଯୋଗାନ୍ତି। ଏହି କାରଣରୁ ଧର୍ମୀୟ ପରମ୍ପରାରେ ଶ୍ରୀ ମନ୍ଦିରର ଜିଉମାନଙ୍କର ମାମୁଁଘର ପ୍ରାଚୀ ନଦୀକୂଳରେ ଅବସ୍ଥିତ ମାଧବାନନ୍ଦ କ୍ଷେତ୍ରରୁ ତାଙ୍କର (ବଳଭଦ୍ର) ପୋଡୁଆଁ ନିମେନ୍ତ ପାଟବସ୍ତ୍ର ପ୍ରେରଣ କରିବାର ପ୍ରଥା ରୂପେ ଚାଲିଛି। ସେହିପରି ଲିଙ୍ଗରାଜ ମହାପ୍ରଭୁଙ୍କର ମାମୁଁ ଘର ରୂପେ ପରିଚିତ ଭୁବନେଶ୍ୱରର କପାଳିମଠରେ ଅବସ୍ଥିତ ବରୁଣେଶ୍ୱର ଓ ବନଦେବୀ ଯଥାକ୍ରମେ ମାମୁଁ ଓ ମାଇଁ ରୂପେ ସମ୍ପର୍କିତ। ଏଣୁ ପ୍ରଥମାଷ୍ଟମୀ ଦିନ ଲିଙ୍ଗରାଜଙ୍କ ବିଜେ ପ୍ରତିମା କପାଳିମଠ ଯାଆନ୍ତି ଏବଂ ସେଠାରେ ମାମୁଁ -ମାଇଁଙ୍କ ତର'ରୁ ତାଙ୍କୁ ପାପ ନାଶିନୀ ପୁଷ୍କରୀଣି ଜଳରେ ସ୍ନାନ କରାଇ ନବବସ୍ତ୍ର ପିନ୍ଧାନ୍ତି ଏବଂ ପୂଜା - ଉପାସନା କରାନ୍ତି। ଏହି ଅନୁକରଣରେ ସେଦିନ ସମସ୍ତ ଦେବାଳୟରେ ପ୍ରଥମାଷ୍ଟମୀ ପାଳନ ହୁଏ ଏବଂ ଏଣ୍ଡୁରି ଭୋଗ ହୁଏ।

ତେବେ ପ୍ରଶ୍ନ ଉଠୁଛି ଏହା ଜ୍ୟେଷ୍ଠ ସନ୍ତାନ ଏବଂ ତାଙ୍କର ମାମୁଁଙ୍କୁ ନେଇ କାହିଁକି ସଂପର୍କିତ ? ଅବଶ୍ୟ ମାମୁଁଙ୍କ ସହ ନିଜର ପିତା, ମାତା ମ୍ଭ ଅଛନ୍ତି। ମା'ମାନେ ସେଦିନ ମାମୁଁଘରୁ ଆସିଥିବା ପିଠା ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ପିଠାକରନ୍ତି, ଜ୍ୟେଷ୍ଠ ସନ୍ତାନଙ୍କୁ ଗାଧୁଆ ପାଧୁଆ କରି ଷଠୀଦେବୀ ଆଗରେ ଷଠୀଦେବୀ ସହ ତାଙ୍କ ପୂଜା ଇତ୍ୟାଦି କରନ୍ତି। ଏବଂ ସନ୍ତାନମାନଙ୍କର ଦୀର୍ଘ ଜୀବନ କାମନା କରନ୍ତି। ତାଙ୍କଠାରୁ ପିଣ୍ଡଦାନ ଆଶା କରନ୍ତି।

ଜ୍ୟେଷ୍ଠ ସନ୍ତାନ ପିତା ବା ମାତା ତୁଲ୍ୟ। ଉକ୍ତ ସନ୍ତାନଟି ଜନ୍ମ ହେଲାମାତ୍ରେ ପିତା ତାଙ୍କ ପିତୃଋଣରୁ ମୁକ୍ତ ହୁଅନ୍ତି ବୋଲି ଶାସ୍ତ୍ରମତେ ଗ୍ରହଣୀୟ। କଥାରେ କୁହନ୍ତି ଁ ଆଗ ସନ୍ତାନ ବାଘ। ଅର୍ଥାତ୍ ସେ ପିତାଙ୍କର ପ୍ରତିଟି ସହାୟତା ପାଇଁ

ପ୍ରସ୍ତୁତଥାଏ। ସେ କନିଷ୍ଠମାନଙ୍କ ପାଇଁ ପିତା ପରିବର୍ତ୍ତେ ପିତା। ସେ ପିତାମାତାଙ୍କ ବାର୍ଦ୍ଧକ୍ୟରୁ ସହାୟ; ତାଙ୍କ ଦିନକୁ ବଳ ଏବଂ କାଳକୁ ଜଣେ ତତ୍କ୍ଷଣିକ ସେବକ। ଏଥୁ ଅନ୍ତେ ତାଙ୍କ ପରକାଳ ପାଇଁ ସେ ପାଲଟି ଯାଆନ୍ତି ମୋକ୍ଷର ମାର୍ଗ : ତାଙ୍କୁ ତିଳତର୍ପଣ ବା ପିଣ୍ଡଦାନ ମ୍ଭମରେ। ମହାଳୟା ଶ୍ରାଦ୍ଧରେ ସାତପୁରୁଷଙ୍କୁ ଯେଉଁ ଶ୍ରାଦ୍ଧ-ତର୍ପଣ କରାଯାଏ, ସେଥିରେ ତିନିପୁରୁଷ ନିଜ ପିତାଙ୍କ କୁଳର; ଗୋଟିଏ ଲୁପ୍ତ ପୁରୁଷଙ୍କର ଏବଂ ଅନ୍ୟ ତିନୋଟି ମାତୁଳ ବଂଶର ଯେଉଁଥିରେ ଅଜା ଏବଂ ଆଈ ମଧ୍ୟ ଅନ୍ତର୍ଭୁକ୍ତ। ନିଜ ତରଫରୁ ପିତା ଏବଂ ତାଙ୍କ ପୂର୍ବଜ ସହ ଆମେ ଯେମିତି ସଂପର୍କିତ। ମାତାଙ୍କ ତରଫରୁ ମାତାଙ୍କ ଭ୍ରାତା ଓ ତାଙ୍କ ପିତାଙ୍କ କୁଳ ସହିତ ସେମିତି ସଂପର୍କିତ କାରଣ ଆମେ ଉଭୟ ପିତା ମାତାଙ୍କ ଦେହରୁ ଜନ୍ମ ହେତୁ ଉଭୟ କୁଳ ପ୍ରତି ସମାନ କର୍ତ୍ତବ୍ୟ ଅଛି। ଏହି କାରଣରୁ ବଡ଼ବଡ଼ିଆ ଡକାବେଳେ ଭଣଜା/ଭାଣେଜିର ଉପସ୍ଥିତି ମ୍ଭକାମ୍ୟ। ସେମିତି ମାମୁଁ, ମାଇଁ, ଅଜା କି ଆଈଙ୍କର ଦେହାନ୍ତ ପରେ, ଦଶା ଖଟିବାବେଳେ ଏମାନଙ୍କର ଉପସ୍ଥିତି ଜରୁରୀ ହୁଏ କାରଣ ଏହା ପିଣ୍ଡଦାନ କଥା; ଜଳ ତର୍ପଣ ଓ ତିଳତର୍ପଣ କଥା।

ଜ୍ୟେଷ୍ଠ ସନ୍ତାନ ଅର୍ଥରେ ଏହା ଉଭୟ ପୁତ୍ର ବା କନ୍ୟାକୁ ବୁଝାଏ। ଶୁଦ୍ଧ ବା ଶ୍ରାଦ୍ଧରେ ଏମାନେ କ୍ରିୟାଧରି ପାରିବେ ଏବଂ ଶ୍ରାଦ୍ଧ ବାଢ଼ିପାରିବେ। ଦୁହିତା ଉଭୟ କୁଳକୁ ହିତା ନ୍ୟାୟରେ, ପରଗୋତ୍ରୀ ହେଲେବି ଶ୍ରାଦ୍ଧ ଦେଇପାରିବେ। କେଉଁ ପୁରାଣରେ ନାହିଁ ଯେ ନାରୀ / କନ୍ୟାମାନେ ପରଗୋତ୍ରୀରେ ପିତୃକୂଳରେ ଅଂଶ ଗ୍ରହଣ କରିପାରିବେ ନାହିଁ। ଯେମିତି ଜଣେ ପୁରୁଷ ସ୍ତ୍ରୀ ବିନା ଏକା ପିଣ୍ଡବାଢ଼ିପାରେ, ସେମିତି ଜଣେ ସ୍ତ୍ରୀ ବି ପିଣ୍ଡଦାନ ସ୍ୱାମୀଙ୍କ ଅନୁପସ୍ଥିତିରେ କରିପାରେ ଯେମତି ସୀତାଙ୍କ ପିଣ୍ଡଦାନ।

ମନୁଙ୍କ ମତରେ ଜ୍ୟେଷ୍ଠ ସନ୍ତାନର ପରିବାର ପ୍ରତି ଭୂମିକା ଗୁରୁତ୍ୱପୂର୍ଣ୍ଣ ହେତୁ, ତାଙ୍କୁ ଜ୍ୟେଷ୍ଠାଶଂ ଦେବା ବିଧେୟ। ଏକାଧିକ ସନ୍ତାନ ଥିଲେ ସେମାନଙ୍କର ଜନ୍ମକ୍ରମେ, ସେମାନଙ୍କର ଅଂଶ ବି କମି କମି ଆସିପାରେ। ଜ୍ୟେଷ୍ଠଙ୍କ ଅନୁମତିରେ ଅଥବା ଅନୁପସ୍ଥିତିରେ ପରବର୍ତ୍ତୀ ସମୟରେ ଜ୍ୟେଷ୍ଠଙ୍କ କର୍ତ୍ତବ୍ୟ ସମ୍ପାଦନା କରିପାରନ୍ତି। ଉପରୋକ୍ତ ଆଲୋଚନାରୁ ମାମୁଁ ଘର ସହିତ ଜ୍ୟେଷ୍ଠ ଭଣଜା ବା ଭାଣେଜିଙ୍କ ସମ୍ପର୍କକୁ ନେଇ ଏ ପର୍ବର ତାତ୍ପର୍ଯ୍ୟ ବିଚାର୍ଯ୍ୟ ଅଟେ।

ପ୍ରଥମାଷ୍ଟମୀକୁ ମ୍ଭ ପାପନାଶିନୀ ଅଷ୍ଟମୀ କୁହନ୍ତି। ଏହିଦିନ କାଳଭୈରବ ଜନ୍ମ ହୋଇଥିଲେ। ତାଙ୍କୁ ସନ୍ତୁଷ୍ଟ କଲେ ସକଳ ପାପ ବିନାଶ ହୁଏ ବୋଲି ବିଶ୍ୱାସ। ଏଣୁ ତାଙ୍କୁ ପୂଜା କରାଯାଏ। ତାନ୍ତ୍ରିକ ଭାଷାରେ ଏହି ଦିବସକୁ ଘୋର ଯାତ୍ରା କୁହାଯାଏ। ଏହି ଦିବସଟି ତନ୍ତ୍ର ସାଧନା ନିମନ୍ତେ ଆଦ୍ୟାଶକ୍ତି କାଳରାତ୍ରିକୁ ପୂଜା କରିବାର ଏକ ଅନୁକୂଳ ଅବସର। ତେବେ ମାମୁଁଘର ସଂପର୍କକୁ ନେଇ ଜ୍ୟେଷ୍ଠ ଭଣଜା/ଭାଣେଜିଙ୍କ ବିଚାରରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ସମାଜ ଗଠନରେ ସୁସ୍ଥ ପରମ୍ପରାରେ ଆବଶ୍ୟକତା ଅଛି। ଏହି ଦୃଷ୍ଟିରୁ ସବୁ ପରମ୍ପରାକୁ କୁସଂସ୍କାର କହି ଏଡାଇ ହେବ ନାହିଁ।

ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ବିକାଶନଗର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮

କୋଣାର୍କ ଉତ୍ସବର ଏକ ଝଲକ !

ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରାପ୍ତ ଅର୍କକ୍ଷେତ୍ର କୋଣାର୍କର ସୂର୍ଯ୍ୟମନ୍ଦିର ଉତ୍କଳୀୟ କଳା, ସ୍ଥାପତ୍ୟ ଓ ସଂସ୍କୃତିର ଚରମ ନିଦର୍ଶନ । ଏହି ସୂର୍ଯ୍ୟ ମନ୍ଦିର ପ୍ରତିଟି ଶିଳାଖଣ୍ଡ ସୂକ୍ଷ୍ମ କଳାଭାସ୍କର୍ଯ୍ୟରେ ଲାଗନ୍ତି ଜୀବନ୍ତ । ମନ୍ଦିର ଗାତ୍ରରେ ଖୋଦିତ ସୂକ୍ଷ୍ମ କାରୁକାର୍ଯ୍ୟରୁ ଉତ୍କଳ ଧର୍ମ, ଶିକ୍ଷା, ସଂସ୍କୃତି ଓ ସାମାଜିକ ଜୀବନର ଚିତ୍ର ସ୍ୱଷ୍ଟ ପ୍ରମାଣିତ । ମନ୍ଦିରରେ ସ୍ଥାପିତ ପାଷାଣୀ ନୃତ୍ୟାଙ୍ଗନା ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତର ଜୀବନ୍ତ ରୂପାୟନ; ଏହାକୁ ଦେଖି ପର୍ଯ୍ୟଟକ ମନ ହୁଏ ଆହ୍ଲାଦିତ, ପର୍ଯ୍ୟଟକଙ୍କୁ ମିଳିଥାଏ ଭରପୁର ଆନନ୍ଦ । କୋଣାର୍କର ସୂର୍ଯ୍ୟମନ୍ଦିରର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ବର୍ଷତମାମ ବିଶ୍ୱର କୋଣ ଅନୁକୋଣରୁ ହଜର ହଜାର କଳା ପିପାସୁ ପର୍ଯ୍ୟଟକମାନଙ୍କ ସୁଅ ଛୁଟିଥାଏ । ବିଶ୍ୱ ଦରବାରରେ ଭାରତର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟକୁ ପରିଚିତ କରାଇବା ସହିତ ପର୍ଯ୍ୟଟନ ଶିଳ୍ପକୁ ଅଧିକରୁ ଅଧିକ ସମୃଦ୍ଧିଶାଳୀ କରିବାର ମହତ ଉଦ୍ଦେଶ୍ୟ ନେଇ ଓଡ଼ିଶା ସରକାରଙ୍କ

ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଗତ ୧୯୮୯ ମସିହାରେ ଆରମ୍ଭ ହୋଇଥିଲା କୋଣାର୍କ ନୃତ୍ୟ ଉତ୍ସବ । ୧୯୮୫ ମସିହାରେ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ କୋଣାର୍କ ନାଟ୍ୟମଣ୍ଡପରେ ପ୍ରଥମ କୋଣାର୍କ ନୃତ୍ୟ ଓ ସଂଗୀତ ଉତ୍ସବର ଶୁଭ ଉଦଘାଟନ ଅବସରରେ ଓଡ଼ିଶାର ତତ୍କାଳୀନ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶରତ ରାଉତ ସରକାରୀ ସ୍ତରରେ ଏପରି ଏକ ଉତ୍ସବର ଆୟୋଜନ କରାଯିବ ବୋଲି ମଞ୍ଚଉପରୁ ଘୋଷଣା କରିଥିଲେ । ଏଥି ନିମନ୍ତେ ପ୍ରସ୍ତାବିତ ମୁକ୍ତାକାଶ ରଙ୍ଗମଞ୍ଚ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କାର୍ଯ୍ୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ସଂପାଦିତ ହୋଇଥିଲା । ଏହାପରେ ସ୍ୱର୍ଗତଃ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ଏହି ରଙ୍ଗମଞ୍ଚର କଳେବର ଓ ଦର୍ଶକ ଗ୍ୟାଲେରୀକୁ ପରିବର୍ଦ୍ଧିତ କରାଯାଇ ୨୫ ଶହ ଦର୍ଶକଙ୍କ ବସିବାର ବ୍ୟବସ୍ଥା ହୋଇଥିଲା । ଏହି ଉତ୍ସବକୁ ପ୍ରାଧାନ୍ୟ ଦେଇ ୧୯୯୩ ମସିହାରେ ବିଜୁବାବୁ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ଉତ୍ସବର ପ୍ରସ୍ତୁତି ପରେ ବାଲିଦ୍ୱୀପର ରାଜା ସୁକର୍ଣ୍ଣ ଓ ତାଙ୍କ କନ୍ୟାଙ୍କୁ ଏହି ଉତ୍ସବକୁ ଅତିଥିରୂପେ ଆମନ୍ତ୍ରଣ କରିଥିଲେ । ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରତିବର୍ଷ ଡ଼ିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ ବ୍ୟତିରେକେ ପରବର୍ତ୍ତୀ ଅବସ୍ଥାରେ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ପ୍ରଦର୍ଶନୀ ଓ ଚିତ୍ରକଳା ଶିବିରକୁ ସାମିଲ କରାଯାଇଥିବାରୁ କୋଣାର୍କ ନୃତ୍ୟ ଉତ୍ସବର ନାମକୁ ପରିପୁଷ୍ଟ କରିଥିବା କାରଣରୁ ଏହି ଉତ୍ସବର ନାମ ପରିବର୍ତ୍ତନ କରାଯାଇ କୋଣାର୍କ ଉତ୍ସବ ରଖାଗଲା । ଏହି ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ୨୦୧୧ମସିହାରୁ ଏଯାବତ ଦେଶ ବିଦେଶର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀଙ୍କୁ ନେଇ ଆୟୋଜିତ ହୋଇ ଆସୁଛି ବାଲୁକାକଳା ପ୍ରଦର୍ଶନୀ । ଏହି ଉତ୍ସବରେ ସାହିତ୍ୟ ଆସର ସାଙ୍ଗକୁ କବିତା ପାଠ ଉତ୍ସବ, ସାଇକଲଥୋନ, ଗଣଦୌଡ, ବେଳାଭୂମୀ ପଦଯାତ୍ରା, ପୁସ୍ତକ ମେଳା ସାମିଲ କରାଯାଇଥିବାରୁ କୋଣାର୍କ ଉତ୍ସବ ଅଧିକ ସମୃଦ୍ଧ ହୋଇଛି । ୧୯୯୯ ମସିହା ଅକ୍ଟୋବର ମାସରେ ଓଡ଼ିଶାର ଉପକୂଳ ଅଞ୍ଚଳରେ ପ୍ରଳୟଙ୍କରୀ ମହାବାତ୍ୟା ସଂଘଟିତ ହେବା ଯୋଗୁଁ କୋଣାର୍କ ଉତ୍ସବ ଅନୁଷ୍ଠିତ ହୋଇପାରି ନଥିଲା । ବିଗତ ୩୧ ବର୍ଷ ଧରି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଂଗୀତ ଓ ବିଗତ ୧୦ବର୍ଷ ଧରି ବାଲୁକା କଳା ପ୍ରଦର୍ଶନି କୋଣାର୍କ ଉତ୍ସବର ଅନ୍ତର୍ଜାତୀୟ ସ୍ତରରେ ଆମ ରାଜ୍ୟ ତଥା ଦେଶର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

ଚଳିତ ବର୍ଷ ଡ଼ିସେମ୍ବର ୧ରୁ ୫ ତାରିଖ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ୩୨ତମ କୋଣାର୍କ ଉତ୍ସବ ଅତୀବ ଆକର୍ଷଣୀୟ ହେବ । ରଙ୍ଗମଞ୍ଚ ଓ ଏହାର ପରିପାର୍ଶ୍ୱକୁ ରଙ୍ଗବେରଙ୍ଗର ଆଲୋକମାଳା, ଫୁଲ, ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀ ଓ ଚିତ୍ରପଟରେ ସଜାଯାଇଛି । ରଙ୍ଗମଞ୍ଚର ଦୁଇଟି ପ୍ରବେଶ ଦ୍ୱାର ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ସୁନ୍ଦର ତୋରଣମାନ ନିର୍ମାଣ କରାଯାଇଛି । ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ସମୟରେ ମଞ୍ଚର ଆଲୋକ ଓ ଧ୍ୱନି ବ୍ୟବସ୍ଥା ଉନ୍ନତମାନର ହୋଇଛି । ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ ଜଗତର ଖ୍ୟାତନାମା ଗୁରୁ ଓ ତାଙ୍କ ସହଯୋଗୀ ନୃତ୍ୟଶିଳ୍ପୀମାନେ ପାଞ୍ଚଦିନ ବ୍ୟାପୀ ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମରେ ଓଡ଼ିଶୀ, କଥକ, ସତ୍ରିୟା, ମୋହୀନିଆଟମ, ଭାରତନାଟ୍ୟମ ଓ କୁଚିପୁଡି ନୃତ୍ୟ ପରିବେଷଣ କରିବେ । ଡିସେମ୍ବର ୧ ତାରିଖରେ ସନ୍ଧ୍ୟା ୬ଟାରେ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତର ଏକ ଆକର୍ଷଣୀୟ ତଥା ଭବ୍ୟ ପରିବେଶରେ କୋଣାର୍କ ଉତ୍ସବ-୨୦୨୧ର ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହେବ ।

ଉତ୍ସବର ପ୍ରଥମ ଦିବସର ପ୍ରଥମ ପର୍ଯ୍ୟାୟରେ ନୂଆଦୀଲ୍ଲିର ମାଧବୀ ମୁଦଗଲ ଓ ସାଥୀଙ୍କ ପକ୍ଷରୁ ପରିବେଷଣ କରାଯିବ ଓଡ଼ିଶୀ ନୃତ୍ୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ନୂଆଦିଲ୍ଲୀର ନୃତ୍ୟଶିଳ୍ପୀ ଗୁରୁ ଭସ୍ୱାତୀ ମିଶ୍ର ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ କଥକ ନୃତ୍ୟ । ସେହିପରି ଉତ୍ସବର ଦ୍ୱିତୟ ଦିବସର ପ୍ରଥମ ପର୍ଯ୍ୟାୟରେ ଗୌହାଟିର ଅନିତା ଶର୍ମା ଓ ସାଥି ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ସତ୍ରୀୟ ନୃତ୍ୟ, ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରର ନୃତ୍ୟଶିଳ୍ପୀ ଗୁରୁ ନିରଞ୍ଜନ ରାଉତ ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ଓଡିଶୀ ନୃତ୍ୟ । ସେହିପରି ଉତ୍ସବର ତୃତୀୟ ଦିବସର ପ୍ରଥମ ପର୍ଯ୍ୟାୟରେ କୋଲକତାର ନୃତ୍ୟଶିଳ୍ପୀ ଦେବମିତ୍ର ସେନଗୁପ୍ତା ଓ ସାଥୀଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ ଓ ଦ୍ୱିତୀୟ ପର୍ଯ୍ୟାୟରେ ଚେନ୍ନାଇର ମୋହିନୀଆଟମ୍ ନୃତ୍ୟାଙ୍ଗନା ଗୋପିକା ବର୍ମା ଓ ସାଥୀଙ୍କ ପକ୍ଷରୁ ପରିବେଷଣ କରାଯିବ ମୋହିନୀଆଟମ୍ ନୃତ୍ୟ । ସେହିପରି ଉତ୍ସବର ଚତୁର୍ଥ ଦିବସର ପ୍ରଥମ ପର୍ଯ୍ୟାୟରେ ଚେନ୍ନାଙ୍ଗନା ନୃତ୍ୟଶିଳ୍ପୀ ଲିଲା ସାମସନ ଓ ସାଥୀଙ୍କ ଦ୍ୱାରା ପରିବେଷଣ କରାଯିବ ଭାରତନାଟ୍ୟମ ନୃତ୍ୟ ଓ ଦ୍ୱିତୀୟ ପର୍ଯ୍ୟାୟରେ

ଭୁବନେଶ୍ୱରର ପିତାମ୍ବର ବିଶ୍ୱାଳ ଓ ସାଥୀଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ । ଉତ୍ସବର ଶେଷ ସନ୍ଧ୍ୟା ଅର୍ଥାତ ଡିସେମ୍ବର ୫ ତାରିଖର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ରିସର୍ଚ୍ଚ ସେଣ୍ଟରର ନୃତ୍ୟଶିଳ୍ପୀମାନଙ୍କ ପକ୍ଷରୁ ପରିବେଷଣ କରାଯିବ ଓଡିଶୀ ନୃତ୍ୟ । ଦ୍ୱିତୀୟ ପର୍ଯ୍ୟାୟରେ ଚେନ୍ନାଇର ନୃତ୍ୟଶିଳ୍ପୀ କିଶ୍ୱେର ମୋଶାଲିକାନ୍ତି ଓ ସାଥୀ ନୃତ୍ୟଶିଳ୍ପୀମାନେ କୁଚିପୁଡି ନୃତ୍ୟ ପରିବେଷଣ କରିବେ ।

କୋଣାର୍କ ଉତ୍ସବ-୨୦୨୧ ସମୟରେ ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମୀରେ ଆୟୋଜିତ ହେବାକୁ ଯାଉଅଛି ୧୧ତମ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ-୨୦୨୧ । ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ-୨୦୨୧ ଏଠାରେ ଅନୁଷ୍ଠିତ ହେବ । ଏହି ଉତ୍ସବରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀମାନେ ଯୋଗ ଦେଇ କଳା ପ୍ରଦର୍ଶନ କରିବେ । କୋଣାର୍କ ଉତ୍ସବ -୨୦୨୧ ଅବସରରେ ନଭେମ୍ବର ୩୦ ତାରିଖରେ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ରାମଚଣ୍ଡୀ ପର୍ଯ୍ୟନ୍ତ ସାଇକଲଥୋନ, ଡିସେମ୍ବର ୧ ତାରିଖ ସକାଳେ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ବସନ୍ତ ମଞ୍ଜରୀ ପାଠାଗାର ମିଳିତ ଆନୁକୁଲ୍ୟରେ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଏବଂ ୩ ତାରିଖରେ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ବେଳାଭୂମୀ ପଦଯାତ୍ରା ଓ କୋଣାର୍କ ପୁସ୍ତକ ମେଳା କମିଟି ପକ୍ଷରୁ ପୁସ୍ତକ ମେଳା ଅନୁଷ୍ଠିତ ହେବ । କୋଣାର୍କ ଉତ୍ସବ ସମୟରେ ଆଉ ଏକ ମୁଖ୍ୟ ଆକର୍ଷଣ ସାଜିଥାଏ ଯାତ୍ରା ଦଳ । ସ୍ଥାନୀୟ ଯାତ୍ରା କମିଟିମାନଙ୍କ ପକ୍ଷରୁ ଏକାଧିକ ଯାତ୍ରାଦଳ ଯାତ୍ରା ପରିବେଷଣ କରିଥା'ନ୍ତି । ରାଜ୍ୟର ବିଭିନ୍ନ କୋଣ ଅନୁକୋଣ ସମେତ ସ୍ଥାନୀୟ ଅଞ୍ଚଳର ଯାତ୍ରାପ୍ରେମୀ ଦର୍ଶକମାନେ ଆସି କୋଣାର୍କ ଉତ୍ସବ ଦେଖିବା ସହ ଯାତ୍ରାକୁ ରାତିତମାମ ମନଭରି ଉପଭୋଗ କରିଥାନ୍ତି । ଏନଏସି ପକ୍ଷରୁ ମିନାବଜାର, ରାମଦୋଳି, ସର୍କସ ଓ ଯାତ୍ରା ପରିବେଷଣ ପାଇଁ ବିଭିନ୍ନ ସ୍ଥାନରେ ଥିବା ପଡିଆକୁ ପ୍ରସ୍ତୁତ କରାଯାଇ ବ୍ୟବସାୟୀମାନଙ୍କୁ ଯୋଗାଇ ଦିଆଯାଇଥାଏ । ଏଠାରେ ସମସ୍ତ ପ୍ରକାର ଖାଦ୍ୟ, ବସ୍ତ୍ର ଓ ଘରକରଣା ସାମଗ୍ରୀ ଉପଲବ୍ଧ ଥିବାରୁ ପାଞ୍ଚଦିନ ଧରି ଏହି ଅଞ୍ଚଳରେ ପ୍ରବଳ ଭିଡ ହେଉଥିବା ବେଳେ କୋଣାର୍କ-ଚନ୍ଦ୍ରଭାଗା ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ । କୋଣାର୍କ ଉତ୍ସବ ଅବସରରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ ଆୟୋଜିତ ହୋଇଥାଏ । ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାଥମିକ ବୁଣାକାର ସମବାୟ ସମିତି ଏବଂ ବୟନିକା ଓ ବରଗଡ଼ର ସମ୍ବଲପୁରୀ ବସ୍ତ୍ରାଳୟ ପକ୍ଷରୁ ଖଣ୍ଡୁଆ ପାଟ ଶାଢ଼ୀ, ବମକେଇ ଶାଢ଼ୀ, ବ୍ରହ୍ମପୁର ଶାଢ଼ୀ, ବଡ଼ବାଗର ଶାଢ଼ୀ ଫାଇନ କଟନ ଶାଢ଼ୀ ଏବଂ ଖୋର୍ଦ୍ଧାର ଲୁଙ୍ଗି ଓ ଗାମୁଛା ସମେତ ପ୍ରସ୍ତର ଖୋଦେଇ, ପଟ୍ଟଚିତ୍ର ଓ ପିପିଲିର ଚାନ୍ଦୁଆ କାମ ପର୍ଯ୍ୟଟକମାନଙ୍କୁ ବେଶ ଆକର୍ଷିତ କରିଥାଏ । ସ୍ଥାନୀୟ ଗଣମାଧମ ପ୍ରତିନିଧିଙ୍କ ଅନୁରୋଧରେ କୋଣାର୍କ ଉତ୍ସବର ଦୀର୍ଘ ୨୬ ବର୍ଷ ପରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୧୫ରେ କୋଣାର୍କ ଉତ୍ସବରେ ସାହିତ୍ୟକୁ ସାମିଲ କରାଯାଇଛି । କୋଣାର୍କ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଡିସେମ୍ବର ୫ ତାରିଖ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚ ନିକଟରେ ଅନୁଷ୍ଠିତ

ହୋଇଥାଏ ସାହିତ୍ୟ ଆଲୋଚନା ଓ କବିତା ପାଠଉତ୍ସବ । ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥା'ନ୍ତି । ଉତ୍ସବର ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ ଓ ଆଡ଼ମ୍ବରପୂର୍ଣ୍ଣ କରିବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଓ ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଓଡିଶା ସଂଗୀତ ନାଟକ ଏକାଡେମୀ, ପର୍ଯ୍ୟଟନ ଅଧିକାରୀଙ୍କ ସମେତ ଦୁଇ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଆନ୍ତରିକ ପ୍ରଚେଷ୍ଟା ପ୍ରଶଂସନୀୟ । ପଞ୍ଚଦିବସୀୟ ଏହି ଉତ୍ସବ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥାଏ ।

ଅଜିତ କୁମାର ମଲ୍ଲିକ, କୋଣାର୍କ, ପୁରୀ, ମୋ: ୯୨୩୭୫୫୮୮୫୦/ ୭୯୭୮୦୧୧୫୩୮

ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ

ଅମୃତ ଋତୁରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କରୋନା ମହାମାରୀର ଭୟାବହତା ଓ ସଂକ୍ରମଣ ସମୟରେ ପ୍ରିଣ୍ଟ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ନିଜ ଜୀବନକୁ ବାଜି ଲଗାଇ ଜନସଚେତନତା ସୃଷ୍ଟି ସହିତ ଜିଲ୍ଲାକୁ ଫେରୁଥିବା ପ୍ରବାସୀମାନଙ୍କ ସ୍ୱାସ୍ଥ୍ୟଗତ ସେବା ଯୋଗାଇ ଦେବା ଦିଗରେ ସଫଳ ମୁକାବିଲା କରିବାରେ ଜିଲ୍ଲା ପ୍ରଶାସନକୁ ସହାୟତା ପ୍ରଦାନ କରିଥିଲେ। ଜିଲ୍ଲାରେ ଘଟୁଥିବା ଘଟଣାବଳିକୁ ଲୋକଲୋଚନକୁ ଆଣିବା ସହ ସ୍ୱଚ୍ଛ ଓ ନିର୍ମଳ ଶାସନ ନିମନ୍ତେ ଗଣମାଧ୍ୟମ ଜିଲ୍ଲା ପ୍ରଶାସନ ପାଇଁ ଦର୍ପଣ ରୂପେ କାର୍ଯ୍ୟ କରିଥାନ୍ତି ବୋଲି ମୁଖ୍ୟ ଅତିଥି ଶ୍ରୀ ଋତୁରାଜ ମତବ୍ୟକ୍ତ କରିଥିଲେ। କରୋନା ମହାମାରୀ ସମୟରେ ଗଣମାଧ୍ୟମର ପ୍ରତିନିଧିମାନେ ଗ୍ରାମାଞ୍ଚଳ ଓ ସଂକ୍ରମିତ ଅଞ୍ଚଳରେ ନିଜ ଜୀବନକୁ ବିପନ୍ନ କରି ତଥ୍ୟ ସଂଗ୍ରହ କରି ଗଣମାଧ୍ୟମରେ ପ୍ରକାଶ କରିବାରୁ ପ୍ରଶାସନ ଏହାର ମୁକାବିଲା କରିବାରେ ସଫଳ ହୋଇପାରିଥିଲା ବୋଲି ଶ୍ରୀ ପଣ୍ଡା ମତବ୍ୟକ୍ତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ସ୍ୱାଗତ ଅଭିଭାଷଣ ସହ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ ସହିତ ସଭା ପରିଚାଳନା କରିଥିଲେ। ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ଓ ମୁଖ୍ୟବକ୍ତା ଭାବେ ତୁଳସୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଅଜୟ ସାମଲ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଓ ବ୍ଲକ ସ୍ତରର ଗଣମାଧ୍ୟମ ପ୍ରତିନିଧିମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ସାମ୍ବାଦିକ ଆଶିଷ ସେନାପତି, ଗଣେଶ ସାମଲ, ପରିକ୍ଷୀତ ପାତ୍ର, ଚିତ୍ତରଞ୍ଜନ ଦାସ, ସୋମନାଥ ସାହୁ, ଅସିତ ପଣ୍ଡା, ମହେଶ ପାଢ଼ୀ, ରବିନାରାୟଣ ପତି ପ୍ରମୁଖ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ କରୋନା ମହାମାରୀ ସମୟରେ ସମ୍ବାଦ ସଂଗ୍ରହ ସମ୍ପର୍କିତ ଅଭିଜ୍ଞତା ଓ ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ସୁଚିନ୍ତିତ ତଥ୍ୟ ପ୍ରଦାନ କରିଥିଲେ। ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ବିଜୁସେତୁ ସଂଯୋଗ ରାସ୍ତା କାମ ବନ୍ଦ କଲେ ଗ୍ରାମବାସୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅରାବଳ-ରମ୍ଭାପୁର ରାସ୍ତାର କେଲୁଅ ନଦୀରେ ନିର୍ମାଣାଧୀନ ବିଜୁସେତୁର ସଂଯୋଗ ରାସ୍ତା କାମକୁ ବନ୍ଦ କରି ଦିଆଯାଇଛି। ଦାୟିତ୍ୱରେ ଥିବା ଠିକାସଂସ୍ଥା କୋତପୁର ପଞ୍ଚାୟତ ଭଗବାନପୁର ଗ୍ରାମସ୍ଥିତ ଫାଣ୍ଡିଘାଇ ମଠ ଜମିରୁ ମାଟିନେବା ସହିତ ଏହାକୁ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିଥିଲା। ରାସ୍ତା ନିର୍ମାଣ ଶେଷରେ ମାଟି ଉଠିଥିବା ସ୍ଥାନକୁ ପୋତିଦେବା ସହିତ ମଠଜମିରୁ ଅବ୍ୟବହୃତ ସାମଗ୍ରୀସବୁ ଉଠାଇନେବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲା । ହେଲେ ନିର୍ମାଣ କାର୍ଯ୍ୟ ସରିବାକୁ ବସିଥିବା ବେଳେ ଠିକାସଂସ୍ଥା ଦେଇଥିବା ପ୍ରତିଶ୍ରୁତି ପାଳନ କରୁନାହିଁ । ଏ ସଂପର୍କରେ ବାରମ୍ବାର ଠିକାସଂସ୍ଥାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଠିକା କର୍ତ୍ତୃପକ୍ଷ କାମରେ କ୍ଷତିର ଆଳ ଦେଖାଇ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପାଳନ କଲାନାହିଁ। ବାଧ୍ୟହୋଇ କେତେକ ଗ୍ରାମବାସୀ ରାସ୍ତା ନିର୍ମାଣକୁ ବିରୋଧ କରିବା ସହିତ କାମ ବନ୍ଦ କରି ଦେଇଥିଲେ । ସ୍ଥାନୀୟ ଲୋକପ୍ରତିନିଧିଙ୍କ ମାଧ୍ୟମରେ ବିବାଦର ସମାଧାନ ହେବାପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ଦେଖା ମିଳିନଥିଲା । ଫଳରେ ଉକ୍ତ ସଂଯୋଗୀକରଣ ରାସ୍ତା ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି । ଘଟଣାରୁ ପ୍ରକାଶ ଯେ, ସ୍ଥାନୀୟ ଅରାବଳ, କୋତପୁର, କଦମପାଳ ଓ ଅରେଇକଣା ପଂଚାୟତବାସୀଙ୍କ ଗମନାଗମନରେ ସୁବିଧା ନିମନ୍ତେ ବିଜୁ ସେତୁ ଯୋଜନାରେ ଅରାବଳ-ରମ୍ଭାପୁର ରାସ୍ତାର କେଲୁଅ ନଦୀରେ ଏକ ପୋଲ ନିର୍ମାଣ ପାଇଁ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ ୧୪ କୋଟି ୮୩ ଲକ୍ଷ ୪୬ ହଜାର ଟଙ୍କା ବ୍ୟୟବରାଦ କରାଯାଇଥିଲା। ୨ବର୍ଷ ମଧ୍ୟରେ ସେତୁ ନିର୍ମାଣ ଶେଷ କରିବା ପାଇଁ ଜାରକାସ୍ଥିତ ଯାଜପୁର-୨ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିରଜା କନଷ୍ଟ୍ରକସନ୍ ନାମକ ଠିକାସଂସ୍ଥା ସହିତ ଚୁକ୍ତି ହୋଇଥିଲା । ସେତୁର ଦୈର୍ଘ୍ୟ ୧୮୪.୫ମିଟର ଓ ପ୍ରସ୍ଥ ୭.୫ମିଟର ରଖାଯାଇଥିଲା । ୧୦ଟି ଖୁମ୍ବ ସହିତ ସେତୁର ଉଭୟ ପାର୍ଶ୍ୱରେ ସଂଯୋଗ ରାସ୍ତା ନିର୍ମାଣ କରିବାକୁ ଚୁକ୍ତିରେ ଦର୍ଶାଯାଇଥିଲା । ଗତ ୨୦୧୫ ନଭେମ୍ବର ୨ତାରିଖରେ ଏହି ସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦାୟିତ୍ୱରେ ଥିବା ଠିକାସଂସ୍ଥା ସମସ୍ତ ଖୁମ୍ବ ସହିତ ପୋଲ ନିର୍ମାଣ କାମ ସାରିଦେଇଥିବା ବେଳେ ଜମି ଅଧିଗ୍ରହଣ ନେଇ ବିବାଦ ଉପୁଜିବାରୁ ଏହାର ଉଭୟ ପାର୍ଶ୍ୱରେ ହେବାକୁ ଥିବା ସଂଯୋଗ ରାସ୍ତା ନିର୍ମାଣ କଲାନାହିଁ । ଫଳରେ ଦୀର୍ଘ ୫ବର୍ଷ ହେଲା ଏହି ସେତୁ ଅଧାପନ୍ତରା ହୋଇ ପଡିଥିଲା । ପରେ ଶ୍ରମିକ ମଜୁରୀ ଓ ବିଭିନ୍ନ ନିର୍ମାଣ ସାମଗ୍ରୀର ମୂଲ୍ୟବୃଦ୍ଧି ଘଟିବାରୁ ଠିକାସଂସ୍ଥା ପୂର୍ବ ଚୁକ୍ତି ଅର୍ଥରେ ସେତୁ ନିର୍ମାଣ ଶେଷ କରିବାକୁ ଅକ୍ଷମତା ପ୍ରକାଶ କରି ଅଧାରୁ କାମ ଛାଡି ଚାଲିଯାଇଥିଲା । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଥିଲା।। ତୁରନ୍ତ ଏହି ବିବାଦର ସମାଧାନ କରାନଗଲେ ବିଜୁ ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣ କାର୍ଯ୍ୟ ପୁଣି ଅଧପନ୍ତରା ଅବସ୍ଥାରେ ପଡିରହିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ନଭେମ୍ବର ୨୮

‘ମୋ ଅକୁହା କାହାଣୀ’-ଏକ ଆଲୋଚନା

ପ୍ରଜ୍ଞାପୁରୁଷ ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ ଏକାଧାରରେ ଥିଲେ ଜଣେ ପ୍ରବୀଣ ଅଧ୍ୟାପକ, ସୁବକ୍ତା, ବିଶିଷ୍ଟ ସ୍ତମ୍ଭକାର ଓ ସର୍ବୋପରି ସୁନାମଧନ୍ୟ ଅଧିବକ୍ତା । ଯଥାର୍ଥରେ ସିଏ ଥିଲେ ସରସ୍ୱତୀଙ୍କର ବରପୁତ୍ର । ତାଙ୍କ ଲେଖନୀରୁ ସୃଷ୍ଟି ହୋଇଥିଲା ଅନେକ କାଳଜୟୀ ପୁସ୍ତକ । କିନ୍ତୁ ତାଙ୍କ ଆତ୍ମଜୀବନୀ ‘ମୋ ଅକୁହା କାହାଣୀ’ ଓଡିଆ ଆତ୍ମଜୀବନୀ ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଏହିଭଳି ଜଣେ ଯୋଗଜନ୍ମା ବରପୁତ୍ରଙ୍କ ଆତ୍ମଜୀବନୀ ‘ମୋ ଅକୁହା କାହାଣୀ’ କଥାକୁ ପାଠକଙ୍କ ନିକଟରେ ପହଞ୍ଚାଇବା ଏହି ଆଲେଖ୍ୟର ମୁଖ୍ୟ ଉଦ୍ଦେଶ୍ୟ ।

କୁହାଯାଏ - ଆତ୍ମଜୀବନୀ ଜଣେ ବ୍ୟକ୍ତି ଚରିତ୍ରର ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣାର କଳାତ୍ମକ ପରିପ୍ରକାଶ । ଆଉ କେହି ଏହାକୁ ଆତ୍ମଶ୍ଳାଘାର ପରିଚାୟକ ବୋଲି କହିଥା’ନ୍ତି । ସେ ଯାହାହେଉନା କାହିଁକି ସାହିତ୍ୟରେ ଆତ୍ମଜୀବନୀ ସାହିତ୍ୟର ଗୁରୁତ୍ୱକୁ ଏଡାଇଦେଇ ହେବନାହିଁ । ତଥାପି ଓଡିଆ ସାହିତ୍ୟରେ ଆତ୍ମଜୀବନୀ



ସାହିତ୍ୟ ଖୁବ୍ କମ୍ ପରିଦୃଷ୍ଟ ହୋଇଥାଏ । ବିଂଶ ଶତାବ୍ଦୀର ପଚାଶ ଦଶକ ପରଠାରୁ ବିଭିନ୍ନ ବିଭାଗର ପ୍ରତିଷ୍ଠା ଲାଭ କରିଥିବା ପ୍ରତିଭାଧାରୀ ବ୍ୟକ୍ତିତ୍ୱମାନେ ଆତ୍ମଜୀବନୀ ଲେଖିବା ସହ ଏହି ବିଭାଗକୁ ଋଦ୍ଧିମନ୍ତ କରିପାରିଛନ୍ତି । ପ୍ରଥମକରି ବ୍ୟାସକବି ଫକୀରମୋହନଙ୍କ ଆତ୍ମଜୀବନୀ “ଆତ୍ମଚରିତ” ଏକ ସ୍ୱତନ୍ତ୍ର ସ୍ଥାନ ଦାବି କରେ । ସେହିପରି ସାର୍ଥକ ଓ ସଫଳ ଆତ୍ମଜୀବନୀ ରୂପେ ସତ୍ୟବାଦୀ ଯୁଗର ଅନ୍ୟତମ ସଖା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ “ଅର୍ଦ୍ଧ ଶତାବ୍ଦୀର ଓଡିଶା ଓ ତହିଁରେ ମୋ ସ୍ଥାନ”, ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ “ସାଧନାର ପଥେ” ଓ ଆହୁରି ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଆତ୍ମଜୀବନୀର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । କେବଳ ସାହିତ୍ୟିକମାନେ ନୁହନ୍ତି, ବୈଜ୍ଞାନିକ, ସମାଜସେବୀ, ଜନନେତା, ଚିତ୍ରଶିଳ୍ପୀ ଓ ସର୍ବୋପରି ପ୍ରତିଷ୍ଠିତ ରାଜନେତାମାନେ ଓଡିଆ ଆତ୍ମଜୀବନୀ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ସମର୍ଥ ହୋଇଛନ୍ତି ।

ସୂଚନାଯୋଗ୍ୟ ଯେ, ଓଡିଶାର କିମ୍ବଦନ୍ତୀ ପୁରୁଷ, ପ୍ରଖ୍ୟାତ ରାଜନୀତି ବିଶାରଦ ଓ ପ୍ରବୀଣ ଶିକ୍ଷାବିତ୍ ଡଃ ଶ୍ରୀରାମଚନ୍ଦ୍ର ଦାଶଙ୍କ ଆତ୍ମଜୀବନୀ “ମୋ ଅକୁହା କାହାଣୀ” ଏକ ସଫଳ ସୃଷ୍ଟି ଅଟେ । ପୁସ୍ତକର ଆରମ୍ଭରେ ଡଃ ଦାଶ ଲେଖିଛନ୍ତି-‘ମୋ ଅକୁହା କାହାଣୀ’ ମୋ ଆତ୍ମଜୀବନୀ । କେତେକ ଲୋକ ଭାବିପାରନ୍ତି, ମୁଁ ତ ଏତେବଡ ଲୋକ ନୁହେଁ କି ମୋ ଜୀବନ ଏତେ ଘଟଣାବହୁଳ ନୁହେଁ । ମୁଁ ଜଣେ ସାମାନ୍ୟ ଶିକ୍ଷକ । ଶ୍ରେଣୀରେ ପାଠ ପଢାଉଥିଲି । ଏହା ତ’ ଗୋଟିଏ ସାଧାରଣ ଘଟଣା । ହଜାର ହଜାର ଶିକ୍ଷକ ଅଛନ୍ତି । ମୋର କ’ଣ ବିଶେଷତ୍ୱ ଅଛି ଯେ, ମୁଁ ଗୋଟିଏ ଆତ୍ମଜୀବନୀ ଚରିତ ଲେଖି ମୋ ବଡଲୋକୀ ଜାହିର କରିବାକୁ ବାହାରିଛି ? ଏଭଳି ପ୍ରଶ୍ନ ଉଠିବା ସ୍ୱାଭାବିକ୍ । ମୁଁ ସାଧାରଣ ଲୋକଙ୍କ ମଧ୍ୟରେ ଜଣେ ଅସାଧାରଣ ବ୍ୟକ୍ତି । ତେଣୁ, ଆତ୍ମଜୀବନୀ ଲେଖିବା ପୂର୍ବରୁ ବହୁବାର ଏ ବିଷୟରେ ଚିନ୍ତା କରିଅଛି । ଏକଥା ମଧ୍ୟ କହିଛନ୍ତି ଓଡିଶାର କୋଣ ଅନୁକୋଣରୁ ମୋର ବହୁ ଶୁଭେଚ୍ଛୁ ଓ ବନ୍ଧୁମାନଙ୍କ ଅନୁରୋଧକ୍ରମେ ଓ ‘ସହକାର’ ପତ୍ରିକାର ସମ୍ପାଦକ ବିଚିତ୍ରାନନ୍ଦ କରଙ୍କ ଧର୍ମପତ୍ନୀ ରମା କରଙ୍କ ଅନୁରୋଧକ୍ରମେ ମୁଁ ଆତ୍ମଜୀବନୀ ଲେଖିବାକୁ ପ୍ରୟାସ କଲି ।

ଏଠାରେ ଉଲ୍ଲେଖ କରାଯାଇପାରେ କି, ଓଡିଆ ଆତ୍ମଜୀବନୀ ସାହିତ୍ୟକୁ ଜଗତସିଂହପୁରର ଅବଦାନ କୌଣସି ଗୁଣରେ କମ୍ ନୁହେଁ । ଓଡିଶାର ସାରସ୍ୱତ ଜଗତକୁ ଏ ମାଟିର ଅବଦାନ ସର୍ବଜନବିଦିତ । ମାତ୍ର ଡଃ ଦାଶଙ୍କ ଆତ୍ମଜୀବନୀ ସବୁଦୃଷ୍ଟିରୁ ଏକ ନିଆରା ପ୍ରାମାଣିକ ଦସ୍ତାବିଜ୍ । ଜୀବନର ଘାତ-ପ୍ରତିଘାତ, ସଂଘାତ-ସଂଘର୍ଷ ଓ ପ୍ରତିକୂଳ ପରିସ୍ଥିତିରେ ସଂଗ୍ରାମ କରି କିପରି ସମାଜରେ ପ୍ରତିଷ୍ଠା ଅର୍ଜନ କରିହେବ, ତାହାର ଏକ ନିଚ୍ଛକ ଉଦାହରଣ ଓ ସବୁ ସମୟରେ ଏହା ଅନ୍ୟମାନଙ୍କୁ ପ୍ରଚୋଦିତ କରିବ, ଏକଥା ନିଃସନ୍ଦେହରେ କୁହାଯାଇପାରେ । ଏହାକୁ ଯେତେ ପାଠ କଲେ ମଧ୍ୟ ଆହୁରି ପଢିବାର ଇଚ୍ଛା ବଳବତ୍ତର ହୁଏ । ଜୀବନ ସଂଗ୍ରାମର ବହୁ ଯୁଦ୍ଧରେ ଏକାକୀ ଯୋଦ୍ଧା ସାଜି ବହୁ ବନ୍ଧନ ଓ ପ୍ରତିବନ୍ଧକକୁ ପ୍ରତିହତ କରି ଡଃ ଦାଶଙ୍କ ବ୍ୟକ୍ତିତ୍ୱ କିପରି ସମୁଜ୍ଜ୍ୱଳ ହୋଇପାରିଛି, ତାହା ଅତି ସୁନ୍ଦର ଭାବେ ଏଥିରେ ଅବତାରଣା ହୋଇଛି ।

ଆଲୋଚ୍ୟ ଆତ୍ମଜୀବନୀରେ ମୋଟ ୩୬ଟି ପରିଚ୍ଛଦ ସ୍ଥାନିତ ହୋଇଛି । ବାଲ୍ୟଜୀବନଠାରୁ ଆରମ୍ଭ କରି ସ୍କୁଲ ଶିକ୍ଷା, କଲେଜ ଶିକ୍ଷା, ଚାକିରି ଜୀବନ, ଓକିଲାତି ପେଶା, ବିଦେଶ ଯାତ୍ରା ଓ ରାଜନୀତି ଜୀବନର ବହୁ ଅକୁହା କଥା ଅତି ସୁନ୍ଦର ଭାବେ ଚିତ୍ରଣ କରାଯାଇଛି । ଯେଉଁଥିରେ ରହିଛି ଆବେଗ, ଉତ୍କଣ୍ଠା ଓ ସମ୍ବେଦନଶୀଳତାର ବାସ୍ତବ ଚିତ୍ର । ଯାହାକୁ ପଢିଲେ ପାଠକେ ରୋମାଞ୍ଚିତ ହୁଅନ୍ତି, ଆମୋଦିତ ହୁଅନ୍ତି ଓ ବିସ୍ମିତ ମଧ୍ୟ ହୁଅନ୍ତି । ଜଣେ ରାଜନୀତି ବିଜ୍ଞାନ ବିଶାରଦ, ଜଣେ ବାଗ୍ମୀ ରୂପେ ସେ କେବଳ ଆମ ରାଜ୍ୟ ବା ଜିଲ୍ଲା ନୁହେଁ ସମଗ୍ର ଭାରତବର୍ଷରେ ପ୍ରସିଦ୍ଧି ଲାଭ କରିଥିଲେ । ବିଶେଷ କରି ସେ ସର୍ବଦା ଅପ୍ରିୟ ସତ କଥା କହୁଥିଲେ ଓ ଏଥିପାଇଁ ଅନେକଙ୍କ ଆକ୍ରୋଶର ଶିକାର ହୋଇଥିଲେ ମଧ୍ୟ, ସେ ତାଙ୍କ ଚରିତ୍ରର ଏହି ଗୁଣଟି ଛାଡି ପାରି ନ ଥିଲେ । ସେଥିପାଇଁ ସେ ମୋ ଅକୁହା କାହାଣୀରେ ଲେଖିଛନ୍ତି- “ଜୀବନ ଗୋଟିଏ ମହାସମୁଦ୍ର । ଏହି ସମୁଦ୍ରରେ ଲହରୀ ଉଠେ । ଉକ୍ତ ଲହରୀକୁ କେହି ଗଣି ପାରିବେ ନାହିଁ କିମ୍ବା ପତନୋନ୍ମୁଖୀ ଜଳରୁ ଜଳୀୟ ବିଦ୍ୟୁତ୍ ଆହରଣ କରିବା ପରି ସମୁଦ୍ର ଲହରୀରୁ କେହି ବିଦ୍ୟୁତ୍ ଶକ୍ତି ସଂଗ୍ରହ କରିପାରିବେ ନାହିଁ । ତଥାପି ସମୁଦ୍ର ମଧ୍ୟରେ ବହୁ ମୂଲ୍ୟବାନ ସମ୍ପଦ ରହିଛି ବୋଲି କେହି ଅସ୍ୱୀକାର କରିପାରିବେ ନାହିଁ । ଠିକ୍ ସେହିପରି ମୋ ଜୀନନର ଉର୍ମିମାଳାକୁ ମୁଁ ବର୍ଣ୍ଣନା କରିବା ଅବସ୍ଥାରେ ନାହିଁ ।”

ସର୍ବୋପରି ଦେଖିବାକୁ ଗଲେ ଡଃ ଦାଶଙ୍କ ଆତ୍ମକଥା “ମୋ ଅକୁହା କାହାଣୀ” ଏକ ସ୍ୱୟଂସମ୍ପୂର୍ଣ୍ଣ ଆତ୍ମକାହାଣୀ । ଓଡିଆ ଆତ୍ମଜୀବନୀ ସାରସ୍ୱତ ଭଣ୍ଡାରରେ ଏକ ଉଜ୍ଜ୍ୱଳମଣି ସଦୃଶ ଚିରଜାଜ୍ଜ୍ୱଲ୍ୟମାନ ହେଉଥିବ ।

ହିମାଂଶୁଶେଖର ଆଚାର୍ଯ୍ୟ, ଜଗତସିଂହପୁର,
ମୋ-୯୯୩୭୧୫୧୦୫୨

ଆଜିର ଅନୁଚିନ୍ତା

ସୂର୍ଯ୍ୟଙ୍କ ଭଳି ନିରପେକ୍ଷ ହୁଅ, ଗୋମାତା ଭଳି ଦୟାଶୀଳ ହୁଅ, ଫୁଲ ଭଳି ନିଜକୁ ହସ ହସ ରଖ ।

ପାଠକୀୟ ମତାମତ ଓ ପରାମର୍ଶ ‘ପର୍ଯ୍ୟବେକ୍ଷକ’ ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା’ ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ସମସ୍ୟାରେ ଚୀନ୍

•••••••••••••ସୌମେନ୍ଦ୍ର ଜେନା•••••••••••••

ଅଧିକରୁ ଅଧିକ ଖାଦ୍ୟ ପଦାର୍ଥ ଆଗୁଆ ସଂଗ୍ରହ କରି ରଖିବା ପାଇଁ ଚୀନ ସରକାର ଜନସାଧାରଣଙ୍କୁ ସୂଚନା ଦେବାପରେ ଦେଶର ମଲ୍‌ଗୁଡିକରେ ଲୋକେ ଏସବୁ ସଂଗ୍ରହ ପାଇଁ ଲମ୍ବା ଧାଡି ଲଗାଇଛନ୍ତି । ଚୀନର ଉଭୟ ପୂର୍ବ ଓ ପଶ୍ଚିମରେ ଯଥାକ୍ରମେ ତାଇୱାନ ଓ ଭାରତ ସହ ଉତ୍ତେଜନା ବୃଦ୍ଧି ହୋଇଥିବାରୁ ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧଘୋଷଣା କରାଯିବାର ଆଶଙ୍କା କରାଯାଉଛି । ଗତ ୪୦ବର୍ଷ ମଧ୍ୟରେ ଚୀନ ପାଇଁ ଏପରି ସଙ୍କଟପୂର୍ଣ୍ଣ ସମୟ ଆସି ନ ଥିଲା ବୋଲି କୁହାଯାଉଛି । ଯେଉଁଥିପାଇଁ ରାଷ୍ଟ୍ରପତି ଜିନପିଙ୍ଗ ପ୍ରାୟ ୨୦ମାସ ହେବ ଦେଶ ବାହାରକୁ ଯିବା କେହି ଦେଖିନାହାଁନ୍ତି । ନିକଟରେ ଜି-୭ ଓ ଜି-୨୦ ବୈଠକକୁ ମଧ୍ୟ ଚୀନ ରାଷ୍ଟ୍ରପତି ଯାଇ ନ ଥିଲେ । ଜି-୨୦ରେ ଜିନପିଙ୍ଗଙ୍କୁ ଭାଷଣ ଦେବାପାଇଁ ଅନ୍‌ଲାଇନ୍ ଯୋଗେ ସୁବିଧା ମିଳିବା କଥା କୁହାଯାଉଥିଲେ ହେଁ ସେହି ସୁବିଧା ମିଳିପାରି ନ ଥିଲା । ଜିନପିଙ୍ଗଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଦେଶ ଭିତରେ ଏବଂ ଦେଶ ବାହାରେ ଚୀନ ଏବେ ଏକଘରିକିଆ ହେବା ସ୍ଥିତିକୁ ଆସିଯାଇଛି । ଚୀନ କମ୍ୟୁନିଷ୍ଟ ପାର୍ଟିର ଅନେକ ନେତା ଏବଂ ସେନାଧିକାରୀମାନେ ସରକାରଙ୍କ ନିଷ୍ପତ୍ତିକୁ ଗ୍ରହଣ କରିପାରୁ ନ ଥିବା ହେତୁ ଯେ କୌଣସି ସମୟରେ ଦେଶରେ କ୍ଷମତା ପରିବର୍ତ୍ତନର ଆଶଙ୍କା କରି ଜିନପିଙ୍ଗ୍ ଦେଶ ବାହାରକୁ ଯିବାଲାଗି ସୁରକ୍ଷିତ ମନେକରୁ ନ ଥିବା କଥା କୁହାଯାଉଛି । ପୃଥିବୀର ଅନେକ ଦେଶରେ ଜିନପିଙ୍ଗଙ୍କ ସ୍ୱପ୍ନର ପ୍ରକଳ୍ପ ବେଲ୍ଟ ଏଣ୍ଡ ରୋଡକୁ ଢେର ଧକ୍‌କା ଲାଗିଛି । ଛୋଟ ଦେଶ ସାମୋଆ ପରି ଦ୍ୱୀପଗୁଡିକ ଏବେ ଚୀନର ପ୍ରକଳ୍ପ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଲାଗିଲେଣି ।

ଚୀନର ବର୍ତ୍ତମାନ ରାଷ୍ଟ୍ରପତି ସି ଜିନପିଙ୍ଗ ୧୫ ମାର୍ଚ୍ଚ ୨୦୧୩ରେ ହୁ ଜିନ୍‌ତାଓଙ୍କଠାରୁ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିଥିଲେ । ପୃଥିବୀରେ ଚୀନକୁ ଶକ୍ତିଶାଳୀ ରାଷ୍ଟ୍ରଭାବେ ପ୍ରତିଷ୍ଠିତ କରିବା ପାଇଁ ଜିନ୍‌ତାଓଙ୍କ ସରକାର ଯେପରି ଋଣ ଷଡଯନ୍ତ୍ର ମାଧ୍ୟମରେ ଛୋଟ ଛୋଟ ଦେଶକୁ ଟାର୍ଗେଟ କରୁଥିଲେ ଠିକ୍ ସେମିତି ଜିନପିଙ୍ଗ ସେହି ମାର୍ଗକୁ ଅଧିକ ପ୍ରଶସ୍ତ କରିବା ପାଇଁ ବିଦେଶରେ ଅନାବଶ୍ୟକ ଋଣ ପ୍ରଦାନ କରି ଋଣଗ୍ରସ୍ତ ଦେଶକୁ ଋଣଯନ୍ତାରେ ପକାଇବାର ଷଡଯନ୍ତ୍ରକୁ ଜାରି ରଖିଲେ । ଫଳରେ ଏସିଆ, ଆଫ୍ରିକା, ଲାଟିନ ଆମେରିକାର ଅନେକ ଛୋଟ ବଡ ଦେଶ ଲୋଭନୀୟ ଋଣଜାଲରେ ପଡିଲେ । ପରେ ଋଣର ସୁଧ ସୁଝି ନ ପାରି କେତେକ ଦେଶ ଚୀନ ସହ ବୁଝାମଣା କଲାବେଳେ କେତେକ ଦେଶ ଚୀନର ଋଣ ଓ ପ୍ରକଳ୍ପ ବିରୋଧରେ ଯିବାପାଇଁ ସାହସ ଦେଖାଇଲେ । ଏବେ କୋରୋନାର ଜନ୍ମସ୍ଥଳୀ ୟୁହାନର ଲାବୋରେଟୋରୀ ସ୍ପଷ୍ଟ ହେବାପରେ ଏହି ଭୂତାଣୁ ବିରୋଧରେ ଜୀବନ ପାଇଁ ଲଢୁଥିବା ଅନେକ ଦେଶର ଜନତାଙ୍କ ମନରେ ଚୀନବିରୋଧୀ ମନୋଭାବ ସୃଷ୍ଟି ହେବାରେ ଲାଗିଛି । ଉଦାହରଣସ୍ୱରୂପ ପାକିସ୍ଥାନ ସରକାର ଗ୍ୱାଦର ବନ୍ଦରକୁ ୪୦ ବର୍ଷିଆ ଲିଜ୍ ସୂତ୍ରରେ, ଜିବୁତି ସରକାର ନିଜ ବନ୍ଦରକୁ ୧୦ ବର୍ଷ ପାଇଁ, ଶ୍ରୀଲଙ୍କା ସରକାର ହମ୍ବନତୋଟା ବନ୍ଦରକୁ ୯୯ ବର୍ଷ ପାଇଁ ଚୀନ ସରକାରଙ୍କୁ ଦେଇସାରିଛନ୍ତି । ଲାଓସର ବିଦ୍ୟୁତ ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ଏବେ ଚୀନା କମ୍ପାନୀମାନଙ୍କ ହାତରେ ହିଁ ରହିଛି । ପୃଥିବୀର ୧୬୩ଟି ଦେଶରେ ଚୀନର ପ୍ରକଳ୍ପ ପାଇଁ ୩୮୫ ବିଲିଅନ ଆମେରିକୀୟ ଡଲାର ଋଣ ପ୍ରଦାନ କରାଯାଇଥିବା ଜଣାପଡିଛି । ବିଶେଷ କରି ବନ୍ଦର, ସଡକ, ଡାକ୍ତରଖାନା, ରେଳପଥ ପରି ନିର୍ମାଣ ଆଧାରିତ ପ୍ରକଳ୍ପକୁ ଚୀନ ଗୁରୁତ୍ୱଦେଇ ବିଦେଶରେ ଋଣ ପ୍ରଦାନ କରିଥାଏ । ଏହାର ଋଣଗ୍ରହିତା

ବେସରକାରୀ କ୍ଷେତ୍ର, ସରକାରୀ ଉଦ୍ୟୋଗ, ସରକାରୀ ବ୍ୟାଙ୍କ ଏବଂ ମିଳିତ ପ୍ରକଳ୍ପଧାରୀ ରହିଥା’ନ୍ତି । ଇତିମଧ୍ୟରେ ୧୩୪୨୭ଟି ପ୍ରକଳ୍ପ ପାଇଁ ଚୀନ ସରକାର ଋଣପ୍ରଦାନ କରିଥିବା କୁହାଯାଉଛି । ବିଚିତ୍ର କଥା ହେଲା ଏହି ଋଣର ସର୍ତ୍ତାବଳୀ ସଂକ୍ରାନ୍ତରେ ସାଧାରଣରେ କିଛି ପ୍ରକାଶ କରାଯାଏ ନାହିଁ । ଏହାହେଲେ ଋଣଗ୍ରହିତା ଦେଶ ବିରୋଧରେ କାର୍ଯ୍ୟାନୁଷ୍ଠାନର ଧମକ ରହିଥାଏ । ଆନ୍ତର୍ଜାତିକ ମୁଦ୍ରାପାଣ୍ଠିଠାରୁ ବହୁଗୁଣ ଅଧିକ ସୁଧରେ ଚୀନ ଋଣ ପ୍ରଦାନ କରିବାକୁ ଛୋଟ ଛୋଟ ଦେଶର ଦୁର୍ନୀତିଗ୍ରସ୍ତ ଅଧିକାରୀ ଏବଂ ନେତାଙ୍କୁ ଲକ୍ଷ୍ୟରେ ରଖିଥାଏ । ଗୋଲ୍‌ଡମାନ ସଚ୍ ସଂସ୍ଥାର କହିବାନୁସାରେ ଚୀନ ବିଦେଶରୁ ୮.୨ ଟ୍ରିଲିଅନ ଡଲାର ଋଣ କରିଛି । କିନ୍ତୁ ନିଜ ଋଣ ପ୍ରଦାନ କରିବା ପାଇଁ କୌଣସି ସରକାରଙ୍କୁ ଠିକଣା ତଥ୍ୟ ନଦେଇ ଭୁଲ ତଥ୍ୟ ବଢା ଚଢା କରି ପ୍ରକାଶ କରିଥିବା ଜଣାପଡିବା ପରେ ଅନେକ ରେଟିଂ ଅନୁଷ୍ଠାନ ଏବେ ଚୀନର ହିସାବକୁ ଗ୍ରହଣ ନକରିବାକୁ ଘୋଷଣା କଲେଣି ।

ଭାରତର ପ୍ରଭାବକୁ ହ୍ରାସ କରିବା ଲାଗି ପ୍ରଥମେ ଡୋକଲାମ୍, ଦ୍ୱିତୀୟରେ ଲଦାଖ ଏବଂ ଏବେ ଅରୁଣାଚଳ ସୀମାରେ ଚୀନର ସମରସଜ୍ଜା ଜାରି ରହିଛି । ବାରମ୍ବାର ଦୁଇ ଦେଶର ସେନା ଅଧିକାରୀଙ୍କ ମଧ୍ୟରେ ଆଲୋଚନା ସତ୍ତ୍ୱେ କୌଣସିପ୍ରକାର ସୁଫଳ ମିଳିପାରିନାହିଁ । ଲଦାଖରେ ଚୀନାସେନାଙ୍କ ପକ୍ଷରୁ ପ୍ରଥମେ ଆକ୍ରମଣ କରାଯିବା ପରେ ଭାରତ ପକ୍ଷରୁ ଯେଉଁ ପ୍ରତିଆକ୍ରମଣ ହୋଇଥିଲା, ସେଥିରେ ଅଧିକ ସଂଖ୍ୟକ ଚୀନା ଯବାନଙ୍କ ମୃତ୍ୟୁ ହୋଇଥିଲା, ଯାହାକୁ ବହୁ ବିଳମ୍ବରେ ଚୀନା କର୍ତ୍ତୃପକ୍ଷ ସ୍ୱୀକାର କଲେ । ଥଣ୍ଡାକୁ ସହ୍ୟ କରି ନ ପାରି ଅନେକ ଯବାନ ରୋଗଗ୍ରସ୍ତ ହେଲେ । ଭାରତକୁ ନାଲିଆଖି ଦେଖାଇ ଧମକ ଦେଖାଇବାକୁ ଚୀନ ପକ୍ଷରୁ ନାନାପ୍ରକାର ଉଦ୍ୟମ କରାଯିବା ସତ୍ତ୍ୱେ ଭାରତ କୌଣସିଟିକୁ ଗ୍ରହଣ ନ କରିବାରୁ ଚୀନା ସରକାର ନିଜ ଦେଶ ଭିତରେ ସମାଲୋଚିତ ହେଲେ । ପ୍ରଥମକରି ଭାରତର ଦମ୍ଭକୁ ଦେଶବିଦେଶର ପ୍ରତିରକ୍ଷା ବିଶେଷଜ୍ଞମାନେ ସ୍ୱୀକାର କଲେ । ଚାଳିଶବର୍ଷ ଧରି କୌଣସି ଯୁଦ୍ଧ ଲଢିନଥିବା ଭିଡିଓପ୍ରିୟ ଚୀନର ସେନାଙ୍କୁ ଚୀନର ଲୋକେ ଦୁର୍ବଳ ବୋଲି ଗ୍ରହଣ କଲେ । ସଂପ୍ରତି ଅରୁଣାଚଳ ସୀମାନ୍ତରେ ଉତ୍ତେଜନା ବୃଦ୍ଧି କରି ଭାରତ ଉପରେ ତାଇୱାନକୁ ସମର୍ଥନ ନକରିବା ପାଇଁ ଚାପ ସୃଷ୍ଟି ପାଇଁ ଚୀନ ସରକାର ଯେଉଁ ପୂର୍ବ ଯୋଜନା କରିଥିଲେ ତାହା ଏବେ ବିଫଳ ହେବାକୁ ଯାଉଛି । ଅପରପକ୍ଷେ ଭାରତ ତିବ୍‌ବତ କାର୍ଡ ଖେଳିବା ଆରମ୍ଭ କରି ନିଜର ସେନା ଅଧିକାରୀ ଏବଂ ଯବାନମାନଙ୍କୁ ତିବ୍‌ବତର ଭାଷା ଓ ସଂସ୍କୃତିର ଶିକ୍ଷା କାର୍ଯ୍ୟକ୍ରମ ପ୍ରଦାନ କରିଛି । କେତେକ ଶିକ୍ଷାନୁଷ୍ଠାନରେ ଏହି ଶିକ୍ଷା କାର୍ଯ୍ୟକ୍ରମ ଚାଲୁ ରଖିବାକୁ ସ୍ଥିର ହୋଇଛି । ତେଣେ ଚୀନ ସରକାର ଭାରତର ତିବ୍‌ବତୀୟ ଯବାନ (ଲଦାଖ ସ୍କାଉଟସ)କୁ ସାମ୍ନା କରିବାକୁ ତିବ୍‌ବତରେ ସେନା ଭର୍ତ୍ତି ପାଇଁ ଅଭିଯାନ ଚଳାଇ ବିଶେଷ ଲାଭବାନ ହୋଇପାରିନାହାନ୍ତି । ତିବ୍‌ବତୀୟମାନେ ଭାରତରେ ରହୁଥିବା ତିବ୍‌ବତୀୟ ସେନାଙ୍କ ବିରୋଧରେ ଲଢିବା ପାଇଁ ଚୀନା ସେନାବାହିନୀରେ ଯୋଗଦେବାକୁ ରାଜି ନ ହେବା ପରେ ଚୀନ ସେନାପକ୍ଷରୁ ସେଠାକାର ଯୁବକମାନଙ୍କ ଉପରେ ଚାପ ପ୍ରୟୋଗ କରାଯାଉଛି । ଅସଲ କଥା ହେଉଛି ଭାରତ ସରକାର ସୀମାନ୍ତରେ ଚୀନର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି କରିବା ପାଇଁ କହିବା ପରେ ସେନା ପକ୍ଷରୁ ପ୍ରଥମଥର ପାଇଁ କ୍ଷେପଣାସ୍ତ୍ରଗୁଡିକୁ ମଧ୍ୟ ପ୍ରସ୍ତୁତ କରି ରଖାଯାଇଛି, ଯାହା ଚୀନର ଚିନ୍ତାକୁ ବଢାଇଛି ।

ପୂର୍ବତୁର୍କୀ ବା ଜିନଜିଆଙ୍ଗ ପ୍ରଦେଶରେ ଚୀନର ଗଣ ଉତ୍ପୀଡନ ବିଦେଶରେ ଏବେ ଚର୍ଚ୍ଚାର ବିଷୟ ହୋଇଛି । ୧୫ଲକ୍ଷ ମୁସଲମାନଙ୍କୁ ଶିକ୍ଷା ସଂସ୍କାର ନାମରେ ଚୀନ ସରକାର ଭିନ୍ନ ଭିନ୍ନ ସ୍ଥାନରେ ଅଟକବନ୍ଦୀ ରଖି ଯନ୍ତ୍ରଣା ଦେଉଥିବାର ଅନେକ ଦୃଶ୍ୟ ଏବେ ଲୋକଲୋଚନକୁ ଆସିଛି । ସୋରାଗୁଲା ସୌତବେ ନାମ୍ନୀ ଏକ ମହିଳା ୧୧ ମଇ ୨୦୨୧ରେ ପ୍ୟାରିସଠାରେ ନିଜର ଯେଉଁ ଅନୁଭୂତି ପ୍ରକାଶ କରିଥିଲେ ତାହା ସମସ୍ତଙ୍କୁ ଚକିତ କରିଥିଲା । ଚୀନ ସରକାରଙ୍କୁ ବିରୋଧ କରୁଥିବା ଉଇଘୁର ମୁସଲମାନଙ୍କୁ ଦମନ ଏବଂ ସଂଖ୍ୟାହ୍ରାସ ପାଇଁ ଅଙ୍ଗ ପ୍ରତ୍ୟାରୋପଣ ସହ ମହିଳାଙ୍କ ଗର୍ଭ ଉତ୍ପାଟନ ପରି ଅମାନୁଷିକ କାର୍ଯ୍ୟ ଚୀନ ସରକାର ଜାରି ରଖିଛନ୍ତି । ଅଟକବନ୍ଦୀ ଗୃହ ନିକଟରେ ଥିବା ଡାକ୍ତରଖାନା-ଗୁଡିକରେ ପ୍ରତିବର୍ଷ ପ୍ରାୟ ୬୦୦୦୦ ପ୍ରତ୍ୟାରୋପଣ କରାଯାଉଛି । ବନ୍ଦୀମାନଙ୍କୁ ଅସ୍ତ୍ରୋପଚାର ଏବଂ ଅଂଗଦାନ ପାଇଁ ବାଧ୍ୟ କରାଯାଉଛି । ବନ୍ଦୀ ଗୃହଗୁଡିକରେ ସିସିଟିଭି ଲଗାଯାଇ ସମସ୍ତଙ୍କ ଗତିବିଧି ଉପରେ ଚୀନ ସରକାର ଦୃଷ୍ଟି ରଖୁଛନ୍ତି । ବନ୍ଦୀମାନଙ୍କ ମଧ୍ୟରୁ କେତେକଙ୍କୁ ଭିନ୍ନ ଭିନ୍ନ କମ୍ପାନୀକୁ ଗୋଟି ଶ୍ରମିକ ଭାବେ ପଠାଯାଉଛି ଯାହାକୁ ସଂସ୍କାର ଶିକ୍ଷା କୁହାଯାଉଛି । ବିଶ୍ୱ ଉଇଘୁର କଂଗ୍ରେସ ପକ୍ଷରୁ ଜୁମରେଟେ ଆର୍କିନେ ୧୯ ଅକ୍ଟୋବର ୨୦୨୧ରେ ଏଥେନ୍‌ସ୍ଥିତ ବିଶ୍ୱ ଅଲିମ୍ପିକ କମିଟି ନିକଟରେ ୨୦୨୦ ଫେବୃଆରୀ ମାସରେ ଚୀନର ବେଜିଂରେ ହେବାକୁ ଥିବା ଶୀତକାଳୀନ ଅଲିମ୍ପିକ ବନ୍ଦ ରଖିବା ପାଇଁ ଦାବି କରିଥିଲେ । ତେବେ ଅନେକ ମୁସଲିମ ଦେଶ ଚୀନ ଅର୍ଥର ଭୟରେ ପାଟି ଖୋଲିବାକୁ ଭୟ କରୁଛନ୍ତି । ଉଇଘୁରମାନେ ବସବାସ କରୁଥିବା ଅଞ୍ଚଳରେ ଥିବା ମସଜିଦ୍‌ଗୁଡିକରେ ମିନାରଗୁଡିକ ଭାଙ୍ଗି ଦିଆଯାଇ ସେଗୁଡିକୁ ସାଧାରଣ କୋଠାଘର ସହ ସମାନ କରାଯାଉଛି । ଅନେକ ସ୍ଥାନରେ ସଂଖ୍ୟାଧିକ ମସଜିଦ୍‌ଗୁଡିକୁ ଭାଙ୍ଗି ଶୌଚାଳୟରେ ପରିବର୍ତ୍ତିତ କରାଯାଇଛି । ପ୍ରାୟ ୧୨୦୦ଟି ଅଟକବନ୍ଦୀ ଗୃହ ଚୀନର ଉତ୍ତର ପଶ୍ଚିମରେ ଥିବା ଜିନଜିଆଙ୍ଗ ପ୍ରଦେଶରେ ରହିଥିବା ଜଣାପଡୁଛି । ଏହି ପ୍ରଦେଶ ମଙ୍ଗୋଲିଆ, କାଜାଖସ୍ଥାନ, କିର୍ଗିଜସ୍ଥାନ, ତାଜିକସ୍ଥାନ, ଆଫଗାନିସ୍ଥାନ, ପାକିସ୍ଥାନ ପରି ମୁସଲିମ ରାଷ୍ଟ୍ରଗୁଡିକର ସୀମାରେ ଥିବାରୁ ୨୦୧୭ରୁ ଏହି ଅଞ୍ଚଳରେ ସୁରକ୍ଷାଗତ ନିର୍ମାଣରେ ସରକାର ବାର୍ଷିକ ୨୦ ବିଲିଅନ ୟୁଆନ (୨.୯ ବିଲିଅନ ଡଲାର)ରୁ ଅଧିକ ଖର୍ଚ୍ଚ କରୁଛନ୍ତି । ଚୀନ କମ୍ୟୁନିଷ୍ଟ ପାର୍ଟିର ସଂପାଦକ ଚେନ କ୍ୱାନଗୁଓ ୨୦୧୬ରେ ତିବ୍‌ବତରୁ ଯାଇ ଏହି ପ୍ରଦେଶର ଦାୟିତ୍ୱ ନେବାପରେ ଅଟକବନ୍ଦୀ ବ୍ୟାପକ ବୃଦ୍ଧି ପାଇଥିଲା । ମାର୍ଚ୍ଚ ୨୦୧୭ରେ ଜିନଜିଆଙ୍ଗ ସରକାର ଲମ୍ବା ଦାଢି ରଖିବା ଏବଂ ବୁର୍ଖା ପିନ୍ଧିବା ଉପରେ କଟକଣା ଲଗାଇଥିଲେ । ମାର୍ଚ୍ଚ ୨୦୧୯ରେ ଜିନଜିଆଙ୍ଗ ରାଜ୍ୟପାଳ ସୋହଗାତ ଜାକିର ଏହି ଅଟକବନ୍ଦୀ ଗୃହକୁ ଧନ୍ଦାମୂଳକ ଶିକ୍ଷାକେନ୍ଦ୍ର ଭାବେ ବର୍ଣ୍ଣନା କରିଥିଲେ । ଚୀନ ସରକାର ପକ୍ଷରୁ ମଣ୍ଡାରିନ ଭାଷା ଶିକ୍ଷାଦାନ, ଚୀନ ଆଇନକୁ କାର୍ଯ୍ୟକାରୀ କରିବା, ଅନ୍ୟଦେଶର ମୁସଲିମଙ୍କଠାରୁ ଉଇଘୁରଙ୍କୁ ଅଲଗା ରଖିବା ପାଇଁ ଚେନ କ୍ୱାନଗୁଓଙ୍କ ଅଧୀନରେ ଜିନିଜିଆଙ୍ଗ ଗ୍ରୀଡ୍ ମ୍ୟାନେଜମେଣ୍ଟ ସିଷ୍ଟମ ରହିଛି ଯାହାଫଳରେ ପ୍ରତ୍ୟେକ ୫୦୦ ବ୍ୟକ୍ତିଙ୍କୁ ନେଇ ଏକ କ୍ଷେତ୍ରକୁ ସ୍ଥାନୀୟ ପୁଲିସ ନଜର ରଖୁଛି । ଜିନିଜିଆଙ୍ଗରେ ମହମ୍ମଦ, ମଦିନା ପରି ନାମ ଲୋକେ ରଖିବା ଉପରେ କଟକଣା ରହିଛି । ହଲାଲା ଖାଦ୍ୟ ଏହି ଅଞ୍ଚଳରେ ମିଳେନାହିଁ । ଜୁଲାଇ ୨୦୧୯ରେ ଅନେକ ଇଉରୋପୀୟ ରାଷ୍ଟ୍ର ଉଇଘୁରଙ୍କ ମାନବାଧିକାର ସଂପର୍କରେ ଜାତସଂଘକୁ ପତ୍ର ଲେଖିବା ପରେ ସାଉଦି ଆରବ ଓ ପାକିସ୍ଥାନ ସମେତ ତିରିଶରୁ ଅଧିକ ମୁସଲିମ ରାଷ୍ଟ୍ର ଚୀନର କାର୍ଯ୍ୟକୁ ପ୍ରଶଂସା କରି ଜାତିସଂଘକୁ ପତ୍ର ଲେଖିଥିଲେ । ଚୀନର ଅର୍ଥଲୋଭରେ ଏହି ଦେଶଗୁଡିକ ନୃତ୍ୟ କରୁଥିଲେ ମଧ୍ୟ ଏମାନଙ୍କ ଦୋମୁହାଁ ଚରିତ୍ରକୁ ସମଗ୍ର ବିଶ୍ୱ ଦେଖୁଛି ।

ଦେଶ ଭିତରେ ବିଗତ ଦିନରେ ବ୍ୟାପକ ବନ୍ୟା ଯୋଗୁ ଚୀନରେ ଖାଦ୍ୟାଭାବ ଦେଖାଦେଇଛି । ଦେଶର ୧୪୦ କୋଟି ଲୋକଙ୍କ ପାଇଁ ଆବଶ୍ୟକ ଚାଷଜମି ଚୀନରେ ଅଭାବ ରହିଛି । ଚଳିତବର୍ଷ ଉତ୍ତରର ସାଙ୍ଗସିରେ ପ୍ରବଳ ବନ୍ୟା ଯୋଗୁ ୧ ଲକ୍ଷ ୨୦ ହଜାର ଲୋକ ବାସହରା ହୋଇଛନ୍ତି, ୬୫.୭ ମିଲିଅନ ଡଲାରର କ୍ଷତି ହୋଇଛି । ଦେଶର ପଶ୍ଚିମାଞ୍ଚଳରେ ୟେଲୋ ନଦୀର ବନ୍ୟାରେ ଗତ ସେପ୍ଟେମ୍ବରରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ସେମିତି ଗତ ଜୁଲାଇ ମାସ ୨୧ରେ ହେନାନ ପ୍ରଦେଶରେ ଆସିଥିବା ବନ୍ୟା ଯୋଗୁ ତିନିମାସ ପରେ ମଧ୍ୟ ଜମିରେ ଜଳ ବୁଡି ରହିଛି । ଏହି ରାଜ୍ୟରେ ୩ ମିଲିଅନ ଏକର ଚାଷ ଜମି ନଷ୍ଟ ହୋଇଛି, ୩୦୦ ଲୋକଙ୍କ ମୃତ୍ୟୁ ହୋଇଛି । ବନ୍ୟା ଯୋଗୁ ଦେଶରେ ଦେଖାଦେଇଥିବା ଖାଦ୍ୟାଭାବ ସଙ୍କଟ ପାଇଁ ଭାରତରୁ ସର୍ବାଧିକ ପରିମାଣର ଧାନ ଚୀନ ଚଳିତବର୍ଷ ଆମଦାନୀ କରିଛି । ଦେଶର ଉତ୍ତର-ପୂର୍ବ ଅଞ୍ଚଳ ଜିଲିନ, ଲିଆଓନିଂ, ହେଲଙ୍ଗ, ଜିୟାଙ୍ଗରେ ଦେଶର ଅର୍ଦ୍ଧେକ ମକା ଓ ସୋୟାବିନ୍ ଉତ୍ପାଦିତ ହୋଇଥାଏ । ଏ ବର୍ଷ ଅନେକ ପ୍ରକ୍ରିୟାକରଣ କାରଖାନା ବନ୍ଦ ହୋଇପଡିଛି, ଚାଷର କ୍ଷତି ଏହାର ମୁଖ୍ୟ କାରଣ ହୋଇଛି ।

ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ଏକାଧିପତ୍ୟ ଯୋଗୁ ତାଙ୍କ ପରିବାରବର୍ଗଙ୍କ ଦୁର୍ନୀତି ବଢିବାରେ ଲାଗିଛି । ପରିବାରବର୍ଗଙ୍କ ନାମରେ ବିଦେଶରେ ଅନେକ ଗୋପନୀୟ କମ୍ପାନୀ ରହିଥିବାର ଜଣାପଡିଛି । ଜିନପିଙ୍ଗଙ୍କ ଭିଣୋଇଙ୍କ ନାମରେ ଏହିପରି ତିନୋଟି କମ୍ପାନୀ ରହିଛି । ଯେହେତୁ ଚୀନର ନେତାମାନେ ସାଧାରଣରେ ସଂପତ୍ତି ନେଇ କିଛି ପ୍ରକାଶ କରନ୍ତି ନାହିଁ, ସେଥିପାଇଁ ସାଧାରଣ ଲୋକେ ଏସବୁ କଥା ଜାଣିବାର ସମ୍ଭାବନା ନାହିଁ । ବ୍ରିଟେନର ଉର୍ଜିନ ଦ୍ୱୀପରେ ଜିନିପିଙ୍ଗଙ୍କ ପରିବାରର କମ୍ପାନୀ ଚାଲୁରହିଛି । ଏକଥା ସତ ଯେ ଚୀନର ବାହାରେ ଚୀନାଲୋକଙ୍କ ନାମରେ ୨୨ ହଜାର ବ୍ୟାଙ୍କଜମା ଖାତା ରହିଛି । ତନ୍ମଧ୍ୟରେ ଦେଶ ବାହାରେ ୪ ଟ୍ରିଲିଅନ ଡଲାର ଅଜଣା ସଂପତ୍ତି ଦେଶର ଲୋକଙ୍କ ନାମରେ ରହିଛି । ଦଳ ଭିତରେ ଜିନ୍‌ପିଙ୍ଗଙ୍କ ବିରୋଧରେ ସ୍ୱର ଉଠୁଥିବା ହେତୁ ସେ ଦୀର୍ଘଦିନ ହେବ କ୍ଷମତା ହାତରୁ ଚାଲିଯିବା ଭୟରେ ଦେଶ ବାହାରକୁ ଯାଉନାହାନ୍ତି । ଏହିସବୁ କାରଣ ପାଇଁ ଚୀନ ଏବେ ସଙ୍କଟ ମଧ୍ୟ ଦେଇ ଗତି କରୁଛି ।

-ଭାରତୀୟ ସମ୍ବାଦ ସେବା (ଭାସ୍),
ଭୁବନେଶ୍ୱର-୭୫୧୦୦୩

ରାଜଦ୍ରୋହ ଆଇନ ଉଚ୍ଛେଦର ଯଥାର୍ଥତା

ସର୍ବେଶ୍ୱର ବେହେରା

ଗାତବର୍ଷ ଦେଶରେ ପାଂଚଟି ରାଜ୍ୟର ନିର୍ବାଚନ ପୂର୍ବରୁ ବରିଷ୍ଠ ସାମ୍ବାଦିକ ଶ୍ରୀ ବିନୋଦ ଦୁଆ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଭର୍ତ୍ସନା କରିଥିଲେ । ଶ୍ରୀ ଦୁଆ ପାଂଚ ମିନିଟ୍ ପଂଇଚାଳିସ ସେକେଣ୍ଡର ଏକ ୟୁଟ୍ୟୁବ ଭିଡିଓ ଜାରିକରି ପ୍ରଚାର କରିଥିଲେ ଯେ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କରୋନା ସଂକ୍ରମଣକୁ ପ୍ରତିହତ କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ଦେଶର ଚିକିତ୍ସାଳୟଗୁଡିକରେ ସଠିକ୍ କରୋନା ପରୀକ୍ଷା କରାଯାଉନାହିଁ, ଚିକିତ୍ସକଙ୍କ ନିକଟରେ ଯଥେଷ୍ଟ ପରିମାଣରେ ପିପିଇ କିଟ ନାହିଁ, ଚିକିତ୍ସାଳୟଗୁଡିକରେ ଭେଂଟିଲେଟରର ସୁବିଧା ନାହିଁ, କରୋନାରେ ସଂକ୍ରମିତ ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଂଚିତ ହେଉଛନ୍ତି, ଫଳରେ ବହୁ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି । ଏପରିସ୍ଥଳେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶବର କୁଢା ଉପରେ ଦଣ୍ଡାୟମାନ ହୋଇ ଭୋଟ ଭିକ୍ଷା କରିବା ଲଜ୍ଜାଜନକ କଥା । ପ୍ରଧାନମନ୍ତ୍ରୀ ମୃତ୍ୟୁର ଆତଙ୍କ ସୃଷ୍ଟି କରୁଛନ୍ତି ।

ଏହି ପ୍ରକାରର ଦୃଶ୍ୟଶ୍ରାବ୍ୟ ଜାରିକରିବା ଆଦୌ ଶୋଭନୀୟ ନୁହେଁ ବୋଲି କହି ସଚେତନ ନାଗରିକ ମତପୋଷଣ କରିଥିଲେ । ଏହାଦ୍ୱାରା ସରକାରଙ୍କର ବିରୁଦ୍ଧରେ ଜନସାଧାରଣ ହିଂସା ଆଚରଣ କରିବା ପାଇଁ ପ୍ରୋତ୍ସାହିତ ହେବେ । ଏଣୁ ବିନୋଦ ଦୁଆଙ୍କ ବିରୁଦ୍ଧରେ ହିମାଚଳ ପ୍ରଦେଶର ସିମ୍ଳାଠାରେ ଥିବା କୁମାରସେଁ ଥାନାରେ ଶ୍ରୀ ଅଜୟ ଶ୍ୟାମ ନାମକ ଜନୈକ ବ୍ୟକ୍ତି ଏତଲା ଦାୟର କରିଥିଲେ । ଅଜୟ ଏତଲାରେ ଉଲ୍ଲେଖ କରିଥିଲେ ଯେ ବିନୋଦ ଦୁଆଙ୍କ ଆରୋପ ମିଥ୍ୟା, ଭିତିହୀନ ଓ କପୋଳକଳ୍ପିତ । ପ୍ରଧାନମନ୍ତ୍ରୀଙ୍କ ପ୍ରତି କେବଳ ଅସୂୟା ପ୍ରଣୋଦିତ ହୋଇ ଏପରି ଏକ କୁତ୍ସିତ ଦୃଶ୍ୟଶ୍ରାବ୍ୟ ପ୍ରଚଳନ କରାଯାଇଛି । ଏହା ଏକ ରାଜଦ୍ରୋହ ମାମଲା । ଏଣୁ ଶ୍ରୀ ବିନୋଦ ଦୁଆଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ସଂପୃକ୍ତ ଥାନାର ତଦନ୍ତକାରୀ ପୋଲିସ ଅଧିକାରୀ ଶ୍ରୀ ବିନୋଦ ଦୁଆଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡର ଧାରା ୧୨୪ (କ), ୨୬୮, ୫୦୧ ଓ ୫୦୫ରେ ମୋକଦ୍ଦମା ରୁଜୁକରି ତାଙ୍କୁ ଥାନାରେ ହାଜର ହୋଇ ତଦନ୍ତରେ ସହଯୋଗ କରିବା ପାଇଁ ନୋଟିସ ଜାରି କରିଥିଲେ ।

ଏହି ନୋଟିସ ବିରୁଦ୍ଧରେ ବିନୋଦ ଦୁଆ ସର୍ବୋଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ । କେନ୍ଦ୍ର ସରକାରଙ୍କୁ ପକ୍ଷ କରି ସେ ଦରଖାସ୍ତରେ ଉଲ୍ଲେଖ କରିଥିଲେ ଯେ ସେ କୌଣସି ରାଜଦ୍ରୋହ କରିନାହାନ୍ତି । ଦେଶର ନାଗରିକ ତଥା ସାମ୍ବାଦିକମାନଙ୍କର ସ୍ୱାଧୀନ ମତପୋଷଣ କରିବାର ଅଧିକାର ଅଛି । ଏଣୁ ତାଙ୍କ ବିରୁଦ୍ଧରେ ଯେଉଁ ରାଜଦ୍ରୋହ ମାମଲା ରୁଜୁ କରାଯାଇଛି ତାହାକୁ ରଦ୍ଦ କରାଯାଉ । ବିନୋଦ ଦୁଆଙ୍କ ସହିତ ଅନ୍ୟ କେତେଜଣ ସାମାଜିକ କର୍ମୀ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟରେ ଜନହିତ ଦରଖାସ୍ତ ଦାୟର କରି ୧୨୪(କ) ଧାରାର ସାମ୍ବିଧାନିକ ଔଚିତ୍ୟକୁ ସମାପ୍ତ କରିବା ପାଇଁ ଆବେଦନ କରିଥିଲେ । ସେମାନଙ୍କ ମତରେ ଏହି ଧାରା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧) (କ)ରେ ପ୍ରଦତ୍ତ ଅଭିବ୍ୟକ୍ତିର ସ୍ୱାଧୀନତାକୁ ଉଲ୍ଲଙ୍ଘନ କରୁଛି । ଏକ ସଭ୍ୟ ସମାଜରେ ଅଭିବ୍ୟକ୍ତିର ସ୍ୱାଧୀନତାକୁ କଣ୍ଠରୋଧ କରା ନ ଯାଉ ।

ସର୍ବୋଚ୍ଚ ନ୍ୟାୟଳୟର ଖଣ୍ଡପୀଠ ଏହାକୁ ଗ୍ରହଣ କରି କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ନୋଟିସ ଜାରି କରିଥିଲେ । ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କ ଓକିଲ ଆଟର୍ଣ୍ଣି ଜେନେରାଲଙ୍କୁ ପ୍ରଶ୍ନ କରିଥିଲେ ଯେ ଏହି ୧୨୪(କ) ଧାରା ପରାଧୀନତା କାଳରେ ଇଂରେଜମାନେ ମହାତ୍ମାଗାନ୍ଧୀ, ଗୋଖଲେ, ତିଳକ ଆଦିଙ୍କ ବିରୁଦ୍ଧରେ ରୁଜୁକରି ସ୍ୱାଧୀନତା ସଂଗ୍ରାମୀମାନଙ୍କ ଆନ୍ଦୋଳନକୁ ରାଜଦ୍ରୋହ ବିବେଚନା କରିଥିଲେ ଓ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ସ୍ୱାଧୀନତାର ୭୫ ବର୍ଷ ପରେ ଏହି ଧାରା ବଳବତର ରହିବା କେତେଦୂର ଯଥାର୍ଥ ? ଆଟର୍ଣ୍ଣି ଜେନେରାଲ ଶ୍ରୀ ବେଣୁଗୋପାଳ ଏହି ଧାରାର ଔଚିତ୍ୟକୁ ପ୍ରତିପାଦନ କରି କହିଥିଲେ ଯେ କେତେଜଣ ଦେଶ ବିଘଟନକାରୀ ବ୍ୟକ୍ତି ଅଭିବ୍ୟକ୍ତି ସ୍ୱାଧୀନତା ନାମରେ ସରକାରଙ୍କର କୁତ୍ସାରଟନା କରିବା ସହିତ ଦେଶବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଏଣୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟ ଏହି ଧାରାର ଅପପ୍ରୟୋଗ ଉପରେ ଅଙ୍କୁଶ ଲଗାଇବା ପାଇଁ ମାର୍ଗଦର୍ଶିକା ଜାରି କରିପାରିବେ ।

ସର୍ବୋଚ୍ଚ ନ୍ୟାୟଳୟ ଉଭୟ ପକ୍ଷରୁ ଶୁଣାଣି କରି ୧୯୬୨ ମସିହା ଜାନୁଆରୀ ୨୦ ତାରିଖରେ ପ୍ରକାଶ ପାଇଥିବା ସର୍ବୋଚ୍ଚ ନ୍ୟାୟାଳୟ ପାଂଚ ସଦସ୍ୟ ବିଶିଷ୍ଟ ସାମ୍ବିଧାନିକ ଖଣ୍ଡପୀଠ କେଦାରନାଥ ସିଂହ ବନାମ ବିହାର ସରକାରର ରାୟକୁ ଉଦ୍ଧୃତ କରିଥିଲେ । ଏହି ରାୟରେ ସ୍ପଷ୍ଟ ଉଲ୍ଲେଖ ଥିଲା ଯେ ଯେଉଁମାନେ ସମାଜରେ ହିଂସାକୁ ଉସକାଇବେ ତଥା ସାର୍ବଜନୀନ ଶାନ୍ତି ଭଙ୍ଗ କରିବେ, ସେମାନଙ୍କ ବିରୁଦ୍ଧରେ ଏହି ପିଙ୍ଗଳ କୋଡ ଧାରା ୧୨୪(କ) ରାଜଦ୍ରୋହ ମାମଲା ରୁଜୁ ହୋଇପାରିବ । କିନ୍ତୁ ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରିବା ବ୍ୟକ୍ତି ବିରୁଦ୍ଧରେ ରାଜଦ୍ରୋହ ମାମଲା ରୁଜୁ ହୋଇପାରିବ ନାହିଁ । ଏହା ବ୍ୟକ୍ତିର ଅଭିବ୍ୟକ୍ତିର ସ୍ୱାଧୀନତାକୁ ବିରୁଦ୍ଧାଚରଣ କରୁଛି । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏହି ପରିପ୍ରେକ୍ଷୀରେ ଜାମ୍ମୁ-କାଶ୍ମିରର ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ଫାରୁକ ଅବଦୁଲ୍ଲାଙ୍କ ବିରୁଦ୍ଧରେ ରାଜଦ୍ରୋହ

ମାମଲାକୁ ଖାରଜ କରିଦେଇଥିଲେ ।। ଶେଷରେ ବିନୋଦ ଦୁଆଙ୍କ ଦରଖାସ୍ତ ଉପରେ ଶୁଣାଣି କରି ମାନ୍ୟବର ଅଦାଲତ ଦରଖାସ୍ତକୁ ମଞ୍ଜୁର କରିଥିଲେ । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏହିପରି ରାଜଦ୍ରୋହ ଆଇନକୁ ରଦ୍ଦ କରି ଦେଇଛନ୍ତି । ପ୍ରକାଶଥାଉ କି ଏହି ରାଜଦ୍ରୋହ ମାମଲା ପରିଚାଳନା ସମୟରେ ଆଟର୍ଣ୍ଣି ଜେନେରାଲ ଯେଉଁ ମହତ୍ୱପୂର୍ଣ୍ଣ ଜବାବ ସୁଆଲ କରିଥିଲେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କେତେଜଣ ଦେଶ ବିଘଟନକାରୀ ବ୍ୟକ୍ତି ବା ସଂଗଠନର ମୁଖିଆମାନେ ସରକାରଙ୍କର କୁତ୍ସାରଟନା କରିବା ସହିତ ଦେଶବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ସେମାନଙ୍କ ବିରୁଦ୍ଧରେ କେଉଁ ମାମଲା ରୁଜୁ ହେବ ? ଦେଶର କେତେକ ସ୍ଥାନରେ ବିଘଟନକାରୀ ଶକ୍ତିମାନେ ପଡୋଶୀ ଶତ୍ରୁଦେଶକୁ ମୁକ୍ତକଣ୍ଠରେ ପ୍ରଶଂସା କରୁଛନ୍ତି, ସେହି ଦେଶ ସପକ୍ଷରେ ସ୍ଲୋଗାନ ଦେଉଛନ୍ତି ଓ ଭାରତବିରୋଧୀ କାର୍ଯ୍ୟରେ ଲିପ୍ତ ରହିଛନ୍ତି । ପଡୋଶୀ ଶତ୍ରୁଦେଶର ବିଜୟରେ ଏଠାରେ ବାଣ ଫୁଟାଯାଇ ଉତ୍ସବ ଆୟୋଜନ ହେଉଛି । ତାହା କ’ଣ ରାଜଦ୍ରୋହ ନୁହେଁ ?

ଶ୍ରୀ ବିନୋଦ ଦୁଆଙ୍କ ସହିତ ଯେଉଁ କେତେଜଣ ସାମାଜିକ କର୍ମୀ ଓ ସାମାଜିକ ସଙ୍ଗଠନଗୁଡିକ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ଦାୟର କରିଥିଲେ, ସେମାନଙ୍କ ଭୂମିକା ସନ୍ଦେହଜନକ । ଗତ ୭୫ ବର୍ଷ ଧରି ଏହି ସଙ୍ଗଠନଗୁଡିକର ମଙ୍ଗୁଆଳମାନେ କେଉଁଠାରେ ଥିଲେ । ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତିରେ ସରକାରଙ୍କୁ ଯେଉଁମାନେ ବିରୋଧ କରୁଥିଲେ, ସେମାନଙ୍କୁ ରାଜଦ୍ରୋହ ମାମଲାରେ ଗିରଫ କରାଯାଇ ଜେଲଦଣ୍ଡ ଦିଆଯାଇଥିଲା । ସମସ୍ତ ବିରୋଧୀ ଦଳର ନେତା ଓ ସାମାଜିକ ସଂଗଠନର ନେତାମାନଙ୍କୁ ଗିରଫ କରାଯାଇଥିଲା । ସମ୍ବାଦପତ୍ର କାର୍ଯ୍ୟାଳୟକୁ ସିଲ କରିଦିଆଯାଇଥିଲା । ଏହିପରି ଗତ ୭୫ ବର୍ଷ ମଧ୍ୟରେ ଅନେକକ୍ଷେତ୍ରରେ ସରକାରଙ୍କୁ ଯେଉଁମାନେ ବିରୋଧ କରୁଥିଲେ ସେମାନଙ୍କ ବିରୁଦ୍ଧରେ ରାଜଦ୍ରୋହ ମାମଲା ରୁଜୁ କରାଯାଇ ଜେଲଦଣ୍ଡ ଦିଆଯାଇଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପରି ବୃହତ୍ ସାମାଜିକ ସଂଗଠନ ଉପରେ ତିନିଥର କଟକଣା ଜାରି କରାଯାଇ ସେମାନଙ୍କର କାର୍ଯ୍ୟକର୍ତ୍ତାମାନଙ୍କୁ ଜେଲଦଣ୍ଡ ଦିଆଯାଇଛି । ସେହି ସମୟରେ ଏହି ସାମାଜିକ କର୍ମୀମାନେ କେଉଁଠାରେ ଥିଲେ ! ସେତେବେଳେ କ’ଣ ଅଭିବ୍ୟକ୍ତିର ସ୍ୱାଧୀନତାର କଂଣ୍ଠରୋଧ କରାଯାଇ ନ ଥିଲା ?

ଗତ ୭୫ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଏହି ଧାରା ବଳରେ ଅନେକ ମୋକଦ୍ଦମା ରୁଜୁ କରିଛନ୍ତି । କେବଳ ଗତ ଦଶନ୍ଧି ମଧ୍ୟରେ ଦେଶରେ ସର୍ବମୋଟ ୮୩୮ଟି ରାଜଦ୍ରୋହ ମାମଲା ରୁଜୁ ହୋଇଛି । ୨୦୧୦ରୁ ୨୦୧୪ ମଧ୍ୟରେ ଉପା ସରକାର ଅମଳରେ ୨୭୯ଟି ମୋକଦ୍ଦମା ଓ ୨୦୧୪ରୁ ୨୦୨୦ ମଧ୍ୟରେ ୫୫୯ ଟି ରାଜଦ୍ରୋହ ମୋକଦ୍ଦମା ରୁଜୁ ହୋଇଛି । ଏଥିରୁ ଏପର୍ଯ୍ୟନ୍ତ କେବଳ ୧୦ଟି ମୋକଦ୍ଦମାରେ ଅଭିଯୁକ୍ତ ଦଣ୍ଡନୀୟ ହୋଇଛନ୍ତି ।

-ଆଡଭୋକେଟ, ଖଟବିନ ସାହି,
କଟକ, ମୋ: ୯୪୩୭୦୧୬୩୮୪

ସାହିତ୍ୟ ଦର୍ପଣ



ରମ୍ୟ ରଚନା

ପୁଅର କିଛି ହେବନି

ବିପ୍ଳବ

ବିଶୁନି ସାହୁ ଉପାୟଶୂନ୍ୟ ହୋଇ ତା' ମୁହଁରେ ଡାଳ କ ଯାକ ପାଣି ଅଜାଡିଦେଲା । ନାକକୁ ଚିପି ଧରି ଫୁହଃ କରି ଫୁଙ୍କିଲା । ଏତେ କାମ ପରେ ଯାଇ ଜୁଲୁ ଜୁଲୁ ହେଇ ଅନେଇଲେ ଗଣ୍ଡୁ ମହାନ୍ତି । ଗାଁ ସାରା ଲୋକ ଅବକାବା କ୍ଷ ବୁଢ଼ା ତ ସଦାବେଳେ ବସି ଖବରକାଗଜ ପଢ଼ନ୍ତି ଆଜି କଣ ଏମିତି ହେଲା ? କେହି କିଛି ଦେଖି ନାହାନ୍ତି । କିଏ ବା କହିବ ? ବିଶୁନି ସାହୁ ମାରିବାକୁ ବସିଲାଣି ହେଲେ ତା ନବଜିଆ ଗୁଣ ଛାଡ଼ିନି । ସେଇ କୁଆଡେ କହିଲା ବୁଢ଼ା ପୁଅକୁ ରାତି ଅଧାରେ ପୁଲିସ ନେଇ ଯାଇଛି ।
କିଏ କହିଲା ରକ୍ତଚାପ କିଏ କହିଲା ହୃଦାଘାତ । ମାତ୍ର ମଞ୍ଜି କଥାଟି କାହାକୁ ଜଣା ନାହିଁ ।
କଣ ହେଲା ବୋଲି ଲୋକେ ପଚାରି ପଚାରି ନଯାନ୍ତି । ବୁଢ଼ା ଉଁ କି ଚୁଁ କିଛି ହେଉ ନଥାନ୍ତି ।
ବିଶୁନି ସାହୁ ବିରକ୍ତ ହେଇ କହିଲା – ':କେତେ ଚ଼ବଟାରୀ ହଉଛ ମ, ଆଜି ତମ ପୁଅ ହେଇଥାନ୍ତା...
ଏତିକି କଥାରୁ ଲୋକେ କଣ ବା ବୁଝିବେ ?
-' କଣ ଜାଣି ପାରୁନ, ବୁଢ଼ା ପୁଅକୁ ପୁଲିସ ବାନ୍ଧି ନେଇଛି ।'
କିଛି ଲୋକ ମୁରକି ହସିଲେ । କିଛି ଅବିଶ୍ୱାସ କଲେ ।
ଜଣେ କହିଲା –'କି ଅଭିଆଣ କଥା, ପୁଲିସକୁ ପୁଣି ପୁଲିସ ବାନ୍ଧି ନେବ ? ମଣିଷ ମରା କି ଝିଅ ମରା ଗୁରାକୁ ପୁଲିସ କିଛି କରି ପାରୁନି, ଇଏ ଖୋଦ ପୁଲିସ.. ?'
ବିଶୁନି ସାହୁ ପ୍ରତିବାଦ କଲା । – ତୁ ଟିଭି ଦେଖୁନୁ ବୋଧେ, ପୁଲିସ ପା ବଡ଼ ଚୋର, ଆରେ ଜମିଜମା ଗଣ୍ଡଗୋଳ କେସ ରେ ଭାଇବୋହୂ ଦେଢଶୁର ଥାନାକୁ ଆସିଥିଲେ । ତା ସ୍ୱାମୀ ବାହାରେ । ଦେଢଶୁର ଠୁଁ ଟଙ୍କା ଖାଇ ଇଏ ଥାନା ବାଲା ଭାଇବୋହୂକୁ ଅସଦାଚରଣ କଲେ । ସେ ମାଇପି ଉପର ଅଫିସରକୁ ଅଭିଯୋଗ କଲା । ସିଏ ଟିକେ ବାଗିଲା ଲୋକ ଆଉ କାଡୁଆ ଅଫିସର । ଦେଲା ଖୋବି । ପୁଅ ରାତାରାତି ମାମୁଁଘର ।
ଲୋକଙ୍କୁ ଏତକ କଥା ବୁଝେଇ ବିଶୁନି ସାହୁକୁ ହଲେଇଲା । – 'ଏ, ଉଠ, ଏଇଟା କିବା କେସ ଯେ ଡରୁଛୁ ଗଣ୍ଡୁ ଭାଇ, ତୋଠୁଁ ବଳି କୁତୁରୁମିଆ କିଏ ଅଛି ତତେ ବଳେଇଯିବ ? ପୁରୁଣା ରାଜନୀତିଆ ଆଉ ଠିକାଦାର ତୁ କ୍ଷ ସାଙ୍ଗେ ସାଙ୍ଗେ ପତା ଓଲଟେଇ ଦେବୁ କ୍ଷ ଆମର ଏଠି କୁନ୍ଦୁଲି, ପରୀ, ଇତିଶ୍ରୀ କି ମମିତା କେସ ହେଉ.. କେତେ ତୁମ୍ଭି ତୋଫାନ, ଫଳ କଣ ତମେ ଜାଣିନ ? ଏଇ ସାମାନ୍ୟ ମନଖୁସିରେ ପୁଅକୁ କଣ ଜିହଲ ହେଇ ଯାଉଛି ? ତମେ ଗୋଟେ ଛେରୁଆ ଲୋକ ! '
ଆଖି ଖୋଲିଲେ ଗଣ୍ଡୁ ମହାନ୍ତି ।
-' ମୁଁ ଜାଣିଛି ତାର କିଛି ହେବନି ।'
– 'ତେବେ ମୋର ଏଇ ସାମାନ୍ୟ କଥାରେ ମୁର୍ଚ୍ଛା ହେଇଗଲୁ କାହିଁକି ?'
– ' ଆରେ ଟୋକାର ଚାକିରୀ ରେଗୁଲାର ହେଇନି କ୍ଷ ସେ ହୋମଗାର୍ଡ ଥିଲା କ୍ଷ କଥା ଟା ଧରା ପଡିଯିବ ! ସାମ୍ବାଦିକ ମାନେ ଏପଟ ସେପଟ କରିଦେବେ ।'
ବିଶୁନି ସାହୁ ଆଉ ଥରେ ପଚାରିଲା – 'କଣ ଏପଟ ସେପଟ ହେଇଯିବ ? ଖୋଲିକି କୁହ ?'
– ' ତୁ କଣ ଉଲାଟେ ? ଆରେ ପୁଅ କନେଷ୍ଟବଳ ଅଛି । ଦରମା ଉପୁରି ଆଉ ଚାନ୍ଦା ମିଶିକି ମାସକୁ ଦେଢ଼ ଲକ୍ଷ ବୋଲି କହିଥିଲି ।'
-' କାହାକୁ କହିଥିଲୁ ?'
– ' ଆରେ ଟୁଁଲା ର କନ୍ୟା ଦେଖା ଚାଲୁଛି । ଝିଅ ପକ୍ଷକୁ କହିଥିଲି । ଏଇ ମଗୁଶିରରେ ବାହାଘର ।'
– ' ଆରେ ପୁଅର କିଛି ହେବନି । ଆଇନ ତା ବାଟରେ ଯିବ, ପୁଅ ତୋ ବାଟରେ ଆସିବ କ୍ଷ ଇଏ ବିରୋଧୀଙ୍କ ଚାଲ । ଏତିକି କହିଲେ କନ୍ୟା ପକ୍ଷ ଖୁସି ।'
ଦୁହେଁ ହୋ ହୋ ହେଇ ହସିଲେ ।

ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

ସୁଦଶା

ରାଜଲକ୍ଷ୍ମୀ ତ୍ରିପାଠୀ

ଘରେ ଲୋକ ଗହଳି ଜମି ଆସୁଥିଲା । ସାଇ ପଡିଶା ଲୋକେ ଓ ବନ୍ଧୁ ବାନ୍ଧବ ସମସ୍ତେ ସ୍ୱାତୀକୁ ସାନ୍ତ୍ୱନା ଦେବାରେ ଲାଗିଛନ୍ତି । ମାଆର ଜଡ଼ଶରୀର ପାଖରେ ବସିରହିଛି ସ୍ୱାତୀ । ଆଖିରୁ ଧାର ଧାର ଲୁହ ଶବ ଉପରେ ଟୋପା ଟୋପା ପଡିଯାଉଛି । ବାପା ସେମିତି ନିର୍ବିକାର ଚିତ୍ତରେ କିଛି ଦୂରରେ ଚୌକି ଉପରେ ବସିରହିଛନ୍ତି । ମାଆର ମୃତ୍ୟୁ ଖବର ଏଇ ସହରରେ ପୃଥକ ପୃଥକ ଭାବେ ରହୁଥିବା ବଡ଼ଦୁଇପୁଅଙ୍କୁ ଫୋନରେ ଜଣାଇ ଦେଇଛନ୍ତି ଯେ ସେମାନଙ୍କ ମାଆ ଆଜି ଭୋରରୁ ହୃଦ୍ ରୋଗର ଶୀକାର ହୋଇ ଏ ଦୁନିଆଁରୁ ବିଦାୟ ନେଇଛନ୍ତି । ବୋହୁମାନଙ୍କୁ ଧରି ଆସି ଶେଷଥର ପାଇଁ ଅନ୍ତତଃ ମାଆର ଶେଷକୃତ୍ୟ ସଂପନ୍ନ କରିବାକୁ ଅନୁରୋଧ କରିଛନ୍ତି । ସ୍ୱାତୀ ଭାବୁଥିଲା, ବହୁତ ଅଦ୍ଭୁତ ମଣିଷ ତା' ବାପା । ଯେତେ ବଡ଼ ଦୁଃଖ ଦୁର୍ଦ୍ଦିନରେ ବି ଟିକିଏ କେଉଁଠି ହତାଶାରେ ନଇଁ ଯିବେନି । ପୂର୍ବରୁ ମାଆ ଦୁଇଥର ହୃଦ୍ ରୋଗର ଶୀକାର ହୋଇସାରିଥିଲା । ତେଣୁ ଆଜି ତାର ଏ ଆକସ୍ମିକ ମୃତ୍ୟୁରେ ହତାଶ ନହୋଇ ତାକୁ ସାନ୍ତ୍ୱନା ଦେଇ କହିଲେ : ମାଆ ସ୍ୱାତୀ, ଜନ୍ମ ପରି ମୃତ୍ୟୁ ବି ସତ୍ୟ ଆମେ ସଭିଏଁ ଜାଣିଛେ । ଏ ପୃଥିବୀକୁ ଦିନେ ଆସିଛେ ମାନେ ଦିନେ ଫେରିବାକୁ ପଡିବ । ଆଉ ତୋ ମାଆ କିଛି ରୋଗ ଯନ୍ତ୍ରଣା ନ ଭୋଗି ଶୋଇବା ଅବସ୍ଥାରେ ମୃତ୍ୟୁବରଣ କଲା, ଆହା...ଏଇତ ଟିକେ ସୁଖ ମରଣ, ଯାହା ସେ ଚାହୁଁଥିଲା ! ବାପାଙ୍କ କଥାରେ ସ୍ୱାତୀ ଭୋ ଭୋ ହୋଇ କାନ୍ଦି ଉଠିଲା । ମାଆର ଶବ ଉପରେ ହାତ ବୁଲାଇ ଆଣି କହିଲା : ତତେ ଓ ବାପାଙ୍କୁ ଗାଆଁରୁ ଡାକି ଆଣିଥିଲି ଭଲରେ ମୋ ପାଖେ ରଖିବା ପାଇଁ ଅଥଚ ତୁ ଆମ ଦୁଇ ଜଣକୁ ଏମିତି ଏକା କରି କୁଆଡ ? ଚାଲିଗଲୁ, ଆମ କଥା ଟିକେ ଭାବିଲୁନି । ଏହି ସମୟରେ ସେଠାରେ ସ୍ୱାତୀ ପଛପଟେ ଠିଆ ହୋଇଥିବା ରୀନା ଖୁଡି କାହାକୁ କହୁଥିବାର ସ୍ୱାତୀ ଶୁଣିପାରିଲା -'ଆହା, ଦୁଇ ପୁଅ ଓ ବୋହୂ ଏଇ ଭୁବନେଶ୍ୱରରେ ଚାକିରୀ କରି ଭଲରେ ଥିଲେ ସୁଦ୍ଧା ବାପା ମାଆଙ୍କୁ ଟିକିଏ ବି ପଚାରୁନଥିଲେ । କେତେବେଳେ କେମିତି ବୁଢ଼ାବୁଢ଼ୀ ସେମାନଙ୍କ ପାଖକୁ ଗଲେ ପୁଅବୋହୁମାନେ ଭାରି ଅଣଦେଖା କରନ୍ତି । ମୋ ସଦାଭାଇ ଓ ସୁନିନାନୀଙ୍କ ପରି ଲୋକ ଏ ସଂସାରରେ ବିରଳ । ସୁନିନାନୀ ରନରମ ହୃଦୟ କେମିତି ବୋହୁ ଦୁହିଁଙ୍କର ରୁକ୍ଷ ବ୍ୟବହାର ସହିଥାନ୍ତା ! ନିରାମିଶାଷୀ ସୁନିନାନୀ ବୋହୁମାନଙ୍କ ପାଖକୁ ଗଲେ ଭାରି ଅସୁବିଧା ଭୋଗେ । ଓଷା ବ୍ରତରେ ତ ପୁରା ନିର୍ଜଳା ରହେ । ସଦାଭାଇ ତ ସବୁବେଳେ ସ୍ଥିର ଧିର । ଥରେ ପରା ସୁଦଶା ବ୍ରତ ଗୁରୁବାର ଦିନ ସେ ଦୁହିଁଙ୍କୁ ସାନବୋହୁ ଆଇଁଷ ଖାଇବାକୁ ବାଧ କରିବାରୁ ଦୁହେଁ ସେଦିନ ସନ୍ଧ୍ୟା ବେଳକୁ ଗାଆଁ କୁ ଫେରି ଆସିଲେ । ସଦାଭାଇ ଏଇ ଭୁବନେଶ୍ୱର ସେକ୍ରେଟାରୀଏଟରେ ଚାକିରୀ କରି ପିଲା ତିନୋଟିଙ୍କୁ ମଣିଷ କଲେ । ଏବେ ଚାକିରୀ ସରିବା ପରେ ଗାଆଁ ପ୍ରତି ମୋହ ଥିବାରୁ ସେଠାରେ ରହୁଥିଲେ । ଏଇ କେତେ ମାସ ହେବ ସ୍ୱାତୀ ଏଠା କଲେଜକୁ ବଦଳି ହୋଇ ଆସିବାରୁ ଗାଆଁରୁ ସେମାନଙ୍କୁ ଆଣି ପାଖରେ ରଖିଛି । ଭଲରେ ତିନିଜଣଯାକ ଚାଲୁଥିଲେ । ସ୍ୱାତୀ ବାହାଘର ପାଇଁ ବହୁତ ଚିନ୍ତା କରୁଥିଲେ ସଦାଭାଇ ଓ ସୁନିନାନୀ । ଭଲ ପ୍ରସ୍ତାବ ସବୁ ଆସୁଛି । ହେଲେ କଣ ହେବ ଦଇବ ତ ଅସମୟରେ ଏମିତି ଧକ୍କା ଦେଲା କଥାରେ ଅଛି 'ଦୁଃଖୀଲୋ ତୋର ମରଣ ନାହିଁ, ସୁଖୀଲୋ ତୋର ଆୟୁଷ ନାହିଁ ' । ଝିଅ ପାଖରେ ରହିବେ କଣ, ଟିକେ ଖୁସିରେ ରହିବା ବେଳକୁ ଭାଗ୍ୟ ସହିଲା ନାହିଁ । ରୀନା ଖୁଡିଙ୍କ କଥାରେ ସ୍ୱାତୀ ବ୍ୟଥିତ ମନରେ ଠିଆ ହୋଇ ତା' ଚାରିପାଖ ଲୋକମାନଙ୍କୁ ବିକଳ ହୋଇ ଚାହିଁଲା । ସେତେବେଳକୁ ତାର ବଡ଼ ଦୁଇ ଭାଉଜ ଓ ଦୁଇ ଭାଇ ସେଠାରେ ଉପସ୍ଥିତ ଥିଲେ । ଭାଉଜମାନେ ମାଆ ଶବ ନିକଟରେ ବସିପଡି ତାର ଡାହାଣ ହାତଟିକୁ ଆଉଁସିବାକୁ ଲାଗିଥିଲେ । ସ୍ୱାତୀ ଲକ୍ଷ୍ୟ କରୁଥିଲା, ସେ ଦୁହିଁଙ୍କ ମୁହଁରେ ମାଆ ମୃତ୍ୟୁର କୌଣସି ଶୋକ ବା ଦୁଃଖର ଲକ୍ଷଣ ନଥିଲା । ବରଂ କିଛି ଗୋଟାଏ ଜିନିଷ ଖୋଜିବା ପରି ଦୁହେଁ ମନେ ହେଉଥିଲେ । ଭାଇମାନେ ବାପାଙ୍କ ସହ କଣ କଥା ହେଉଥିଲେ । ରୀନା ଖୁଡି ଭାଉଜମାନଙ୍କ ମୁହଁକୁ ଚାହିଁ କହିଲେ, 'ଏଥର ମାଆଙ୍କୁ ଛାଡ଼ । ଆମେ ତାଙ୍କୁ ଅହ୍ୟ ସୁଲକ୍ଷଣୀ ବେଶ କରି ଶ୍ମଶାନକୁ ଛାଡିବୁ । ବଡ଼ ଭାଗ୍ୟ କରିଥିଲା ସୁନିନାନୀ ତା'ପାଇଁ ଆଜି ଅହ୍ୟ ଡେଙ୍ଗୁରା ପିଟାହେବ,ଏ କଣ କମ ଭାଗ୍ୟ ! 'ସ୍ୱାତୀ ଭାବୁଥିଲା, ଏସବୁ କଥାର ମୂଲ୍ୟ କିଛି ନାହିଁ ତା' ପାଖରେ । ସବୁକଥା ମନଖୋଲି ଯାହା ପାଖରେ କହି ହୁଏ ସିଏ ତ ଆଜି ଚିରଦିନ ନିରବ, ଅଶୁଣା ହୋଇଗଲା । ଆଉ କିଛି ଘଣ୍ଟା ପରେ ଏ ପାର୍ଥିବ ଶରୀର ତାର ମାଟିରେ ମିଶିଯିବ । ସଧବା ସ୍ତ୍ରୀ ଲୋକମାନେ ମାଆର ଶବକୁ ରୀତିନୀତି ଅନୁସାରେ କାର୍ଯ୍ୟ କରିବା ପାଇଁ ଯିବାବେଳେ ଭାଉଜ ଦିଜଣ ମାଆର ଡାହାଣ ହାତ କାନ୍ଧରୁ କଣ ଖୋଜିଲାବେଳକୁ ସାନଭାଉଜ କହିଲେ,ନା ମୁଁ ସେଇଟା ନେବି । ମୋ ମାଆ କହିବାରୁ ମୁଁ କେବଳ ସେହି ଜିନିଷଟି ପାଇଁ ଏଠାକୁ ଆସିଛି ,ନହେଲେ ଏ ବୁଢ଼ା ବୁଢ଼ୀଙ୍କ କୌଣସି ଖବର ରଖିବାକୁ ମୋ ପାଖରେ ସମୟ ନାହିଁ । ଏ କଥାରେ ବଡ଼ଭାଉଜ ରାଗିଯାଇ କହିଲେ,'ଘରର ବଡ଼ ବୋହୁ ହିସାବରେ ତାହା ମୋର ପ୍ରାପ୍ୟ । ଘରର ସୌଭାଗ୍ୟ ବଢ଼ିବ, ସୁଦଶା ଆସିବ । ' ଏ ଦୁଇବୋହୁଙ୍କ କଥାରୁ କେହି କିଛି ବୁଝୁନଥାନ୍ତି । ଚଉକି ଉପରେ ସ୍ଥାଣୁ ହୋଇ ବସିଥିବା ବାପା ନିରବତା ଭଙ୍ଗ କରି କହିଲେ,'ତୁମେ ଦୁଇ ଜଣ ମାଆ ଡାହାଣ ହାତ ଡେଣାରୁ କଣ ଖୋଜୁଛ ?ପୁଣି ଏ ସମୟରେ କଳି କରୁଛ ? ?' ବଡ଼ ଭାଉଜ ବାପାଙ୍କୁ କହିଲେ 'ବାପା ଘରର ବଡ଼ବୋହୁ ହିସାବରେ ଶାଶୁଙ୍କ ଅହ୍ୟ ସୁଦଶାବ୍ରତ ମୋର ପ୍ରାପ୍ୟ । ଏହାକୁ ପୂଜା କଲେ ଘରେ ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି । ଏକଥାରେ ସାନଭାଉଜ ପ୍ରତିକ୍ରିୟା ରଖି କହିଲେ 'ନା,ମୁଁ ଏସବୁ କିଛି ଜାଣିନି ମୁଁ ମୋ ମାଆ କଥା ମାନି ଏଠାକୁ ଆସିଛି ଶାଶୁଙ୍କ ବ୍ରତ ନେବାପାଇଁ । ନହେଲେ ମୁଁ ତ ମୋ ଶାଶୁଘର ସହ ସବୁ ସମ୍ପର୍କ ଅନେକ ଦିନରୁ କାଟି ସାରିଛି । ସମସ୍ତେ ସ୍ତବ୍ଧ ହୋଇଗଲେ ଦୁଇ ବୋହୁଙ୍କ କଥାରେ । ସ୍ଥିତପ୍ରଜ୍ଞ ବାପା ହଠାତ୍ କାନ୍ଦି ପକାଇ କହିଲେ 'ପୁଅ ବୋହୁମାନଙ୍କର ଅଣଦେଖା ଓ ଖରାପ ବ୍ୟବହାରରେ ଆମେ ଦୁହେଁ ଏତେ ଅସନ୍ତୁଷ୍ଟ ହୋଇଥିଲୁ ଯେ ମୁଁ ସୁନିକୁ ବୁଝାଇଦେଇଥିଲି ଏସବୁ ବ୍ରତ,ଉପବାସ ଉପରେ ଭରସା ନକରି ମଣିଷ ତା'ର ଆଚରଣ ପ୍ରଥମେ ଶୁଦ୍ଧ କରିବା ଉଚିତ । ସମସ୍ତଙ୍କୁ ଭଲ ପାଇବାକୁ ପଡିବ । ଧିରେ ଧିରେ ସୁନି ମୋ କଥାର ଗୁରୁତ୍ୱ ଉପଲବ୍ଧି କରି ବ୍ରତ ଉପବାସ ପାଳନ କରିବା ଛାଡି ଦେଇଥିଲେ । ନିଜର ସୁଦଶାବ୍ରତକୁ ଉଜାଇଁ ଦେଇ ଠାକୁରଙ୍କ ନାଁରେ ବିସର୍ଜନ କରିଦେଇଥିଲେ । ପ୍ରକୃତରେ କଣ ମାଆଲକ୍ଷ୍ମୀ ଏହି ଖଣ୍ଡେ ସୂତାରେ ଦଶଟି ଗଣ୍ଠି ପକାଇପିନ୍ଧିଲେ ଘରକୁ ସୌଭାଗ୍ୟ ଦିଅନ୍ତି ! କଥାଟି ସେମିତି ନୁହେଁ, ଘରର ପିତାମାତା, ଗୁରୁଜନମାନେ କୌଣସି ପରିସ୍ଥିତିରେ ଅବହେଳିତ ହେବା ଉଚିତ ନୁହେଁ । '
ମାଆର ଶବକୁ ଉଠାଇ ନିଆଯାଇ କୋକେଇ ଉପରେ ଶୁଆଇ ଦିଆଯାଇଥିଲା । ଦୁଇ ଭାଉଜ ସେମିତି ଚାହିଁ ରହିଥିଲେ ଶ୍ୱଶୁର ଙ୍କ କଥାକୁ । ସ୍ୱାତୀର ହୃଦୟ ଦୁଃଖରେ କୋରି ହୋଇଯାଉଥିଲା । ସେ ହିଁ ବୁଝୁଥିଲା ବାପାଙ୍କ କଥାର ଗଭୀରତା ଓ ଗମ୍ଭୀରତା ।

ଦ୍ୱିତୀୟ ବାବୁସାନ ଶିଶୁ କଳାକାର ବିଶ୍ୱନାଥ



କଥାରେ ଅଛି ତୁଳସୀ ଦୁଇ ପତ୍ର ରୁ ବାସେ,ଠିକ ସେଇ ପରି ମହକିଛନ୍ତି କଟକ ବିଡାନାସି ଅଂଚଳର ବିଶ୍ୱନାଥ,ପିଲା ଟି ବେଲୁ ବେସ ବିଚକ୍ଷଣ ଓ ଦେଖିବାକୁ ଅବିକଳ କୁନି ବାବୁସାନ ଙ୍କ ପରି ।ବାପା ହରିହର ପରିଡା ଓ ମା ସୁପ୍ରଭା ପରିଡାଙ୍କ ସୁପୁତ୍ର ବିଶ୍ୱନାଥ।୨୦୧୮ ମସିହାରେ ଅନୁଭବଙ୍କ ପ୍ରେମ କୁମାର ସୁଟିଂ ସମୟରେ ନିର୍ଦ୍ଦେଶକଙ୍କ ପ୍ରଥମେ ନଜର ପଡ଼ିଥିଲା ଶିଶୁ କଳାକାର ବିଶ୍ୱନାଥଙ୍କ ଉପରେ।ତାଙ୍କର ସୁନ୍ଦର ଚେହେରା ଓ ଅଭିନୟ ଯାଦୁ ତାଙ୍କୁ ଆଉ ପଛକୁ ଫେରିବାର ସୁଯଗ ଦେଇନି।ଏଯାବତ ସେ ଦଶରୁ ଉର୍ଦ୍ଧ ଫିଲ୍ମ ଓ ଆଠ ରି ଧାରାବାହିକରେ ଶିଶୁ କଳାକାର ଭାବେ ଅଭିନୟ କରି ଲୋକଙ୍କ ମନ ରେ ସ୍ୱତନ୍ତ୍ର ଭଲପାଇବା ସୃଷ୍ଟି କରିଛନ୍ତି।ଓଡିଶା ରେ ଲୋକେ ତାଙ୍କୁ କୁନି ବାବୁସାନ କହିଲେନି।ଏବେ ସେ କେ.ଭି ବିଦ୍ୟାଳୟରେ ନବମ ଶ୍ରେଣୀ ରେ ପାଠ ପଢୁଛନ୍ତି।ସୋସିଆଲ ମେଡିଆ ରେ ତାଙ୍କ ଲୋକ ପ୍ରିୟତା ପାଇଁ ସେ ୨୦୨୦ ରେ ସୋସିଆଲ ମେଡିଆ ଷ୍ଟାର ଆୱାର୍ଡ ପାଇଛନ୍ତି।ସଂପ୍ରତି ତାଙ୍କ ଇଉଟ୍ୟୁବ ଚାନେଲ ବିଶ୍ୱନାଥ ଟିଭି ଉଦଘାଟନ ହୋଇଛି,ଯେଉଁ ମାଧ୍ୟମ ରେ ସେ ବହୁ ମାନରଞ୍ଜନଧର୍ମୀ ଭିଡିଓ ଅପଲୋଡ୍ କରୁଛନ୍ତି।ଆଗାମୀ ଦିନରେ ସେ ଓଡ଼ିଆ ଫିଲ୍ମ ଜଗତ ରେ ଦ୍ୱିତୀୟ ବାବୁସାନ ହୋଇ ଚହଳ ସୃଷ୍ଟି କରିବେ ଏଥିରେ ସନ୍ଦେହ ନାହିଁ।

ସେଇ ତ' ଈଶ୍ୱର

ଆଦ୍ୟାଶା ମହାପାତ୍ର

ଶୂନ୍ୟରେ ଯେ ଚିତ୍ର ଆଙ୍କିପାରେ
ସମୟକୁ ସ୍ଥିର କରିପାରେ
ଗତିଶୀଳ ବି କରାଇପାରେ
ସେଇ ତ ଈଶ୍ୱର !

ଆହୁଲା ନଥାଇ
ଅକାତକାତ ପାଣିରେ
ସହସ୍ର ଜଳଭଉଁରୀରେ
ମଙ୍ଗ ସଳଖି ଦିଅନ୍ତି ଯେ
ସେଇ ତ ଈଶ୍ୱର !

ଉଷର ମାଟିରୁ ଉତାରି ଆଣନ୍ତି ଯେ
ଗୋଟେ ନଷ୍ଟ ଭ୍ରୁଣ
ଜୀବନରେ ବାସ୍ନା ଭରିଦେବାକୁ
ଅସମ୍ଭବକୁ ସମ୍ଭବ କରିବାକୁ,
ନାହିଁ ସବୁକୁ ହଁ କରିବାକୁ
ଯିଏ ଭରସା ଦିଅନ୍ତି
ସେଇ ତ' ଈଶ୍ୱର !

କେବେ ଓଁକାର ଧ୍ୱନିରେ
ସଭିଙ୍କୁ ମନ୍ତ୍ରମୁଗ୍ଧ ରଖନ୍ତି
ଆଶାର ସବୁ ଦୀପ
ଯେତେବେଳେ ଲିଭି ଯାଆନ୍ତି,
ସେତେବେଳକୁ ଯେ ନିଜେ ଜଳି ଉଠନ୍ତି
ଅନେକ ଦ୍ୟୁତିରେ
ସେଇ ତ ଈଶ୍ୱର !

ଜୀବକୁ ନର୍କରୁ ଉଦ୍ଧାରିବା ପାଇଁ
କରୁଣାର, ଅଭୟର ହାତ
ଯେ ପ୍ରସାରି ଦିଅନ୍ତି
ସେଇ ତ ଈଶ୍ୱର !

ନୂଆପଡା, କଟକ

'ପ୍ରତୀକ୍ଷା'

କୃଷ୍ଣା ମିଶ୍ର

ପ୍ରତୀକ୍ଷା !
ଏକ ବିସ୍ତାରିତ ନିଃସଙ୍ଗ ପଥ,
ଆଉ.....
ଏକ ଗଭୀର ଗହ୍ୱର ରେ ଶୃଙ୍ଖଳା ନଇ,
ସଙ୍କୁଚିତ !

ସ୍ମୃତିର ବହଳ ପରତକୁ ଆଞ୍ଜୁଡିଲେ,
ବାରିହୁଏ କଣ୍ଠ ସ୍ୱରର ଆର୍ଦ୍ରତା....
ମନ୍ଦିରରେ ଜ୍ୱଳନ୍ତ ପ୍ରଦୀପ,
କମ୍ପୁଛି ଜୀବନ ସଳିତା !

ତକିଆରେ ଚାପି ହୋଇ
ନିସ୍ତବ୍ଧ ପଡ଼ିଛି ହିକ୍କା,
ଦୁଆରେ ଶବ୍ଦ !
ଥରୁଛି କଳିଜା....
ପ୍ରତୀକ୍ଷା !
ସେ ଯେ ରୋଦନ,

ଝାଉଁଳି ଯାଇଥିବା ଚେହେରା ରେ,
ଖାରୁଆ ଲୁହର କ୍ଳାନ୍ତ ସମୁଦ୍ର....
ବିଶ୍ୱାସରେ ଶୀତଳ ପଡ଼ିଥିବା, ହୃଦୟ ର
ଅସଂଖ୍ୟ ଅଗ୍ନି କଣା...
ପ୍ରତୀକ୍ଷା.....

*ଅଧ୍ୟାପିକା, ଓ ପି ଜିନ୍ଦଲ ବିଦ୍ୟାଳୟ
ରାୟଗଡ଼, ଛତିଶଗଡ*

'ଯୋତା'

ରାମମିଶ୍ର

ଯତ୍ନ ଅଯତ୍ନର ଅପହଂଚ
ମୁଁ ମୋ ନିଜସ୍ୱ ଇଲାକାରେ
ନିଜରି ନିଜର ଭାବେ
ତୁମକୁ
ତୁମକୁ କେବଳ।

ଘୋଷାରି ହେଇ ହେଇ
ଜୀବନର ସବୁ ପୁଣ୍ୟ ପାପ ବାହାରେ
ଭଲ ପାଉଥିବା
ତୁମ ପାଦର ସ୍ପର୍ଶରେ
ପଥରରୁ କଦବା କେମିତି
ଅହଲ୍ୟାର ରୂପ ଲାବଣ୍ୟରେ
ମହକି ଯାଉଥିଲେ ବି
ଲାଗେ ସବୁ ସୁଖ ତୁମେ
ତୁମେ ହିଁ କେବଳ।

ତୁମେ ରଙ୍ଗ ଦିଅ ମତେ
ସେତେବେଳେ
ଯେବେ ତୁମ ମନ
ଉଚ୍ଚାଟିଆ ଆକାଶରେ
ରଙ୍ଗ ଭରେ
ତୁମେ ମୋତେ ଭୁଲିଯାଅ
ଯେବେ ମୁଁ ଆକାଶିଆ ବାଦଲର
କଳା ନେଇ
ବାହାନାରେ ମରେ।

ତୁମେ ତୁମ ଇଲାକାର ସବୁଠାରୁ
ବଡ ମନେହୁଅ
ଅଥଚ ତୁମର ପାଦକୁ
ଯାବୋଡି ଧରି ମୁଁ
ମୁଁ କଣ କେତେବେଳେ
ଅଲୋଡା କି ହୁଏ ?

ସତ ମିଛ

ଉର୍ମିଳା ଦାସ

ଅପ୍ରିୟ ସତଟା ବାଧେ ସିନା ଭାରି
ଜୀବନ ସଜାଡି ଦିଏ।
ମିଛ ସିନା ଦିଏ,ମନକୁ ଆନନ୍ଦ
ବିପଥଗାମୀ କରାଏ ॥

ଅପ୍ରିୟ ସତରେ,ଜୀଇଁ ହୁଏ ସିନା
ମିଛ ଏକ ପ୍ରହେଳିକା ।
ମିଛଟା ସାଥିରେ ଥାଏ ସିନା ହେଲେ
ବିପଦେ ନ ହୁଏ ସଖା ॥

ତୁମରି ସତରେ ମରି ପାରିବି ମୁଁ
ଲୋଡ଼ା ନାହିଁ ମିଛ ଢାଲ ।
ମିଛର ଆୟୁଷ କେତେଦିନ କୁହ
ସେ ନୀଳ ବର୍ଣ୍ଣ ଶୃଗାଳ॥

ସତର ସାମନା ଅଦିନ ମେଘ ଟେ
କିଛି କ୍ଷଣ ବର୍ଷି ଯିବ ।
ମିଛର ସାହାରା,ଶ୍ରାବଣ ଅସରା
ବନ୍ୟା ସମ୍ଭାବନା ଦେବ ॥

ଟାଙ୍ଗୀ, କଟକ

ଚିଠି

ଶୁଚେତା ନନ୍ଦ

ଆସ ,ଗୋଟେ ଚିଠି ହେଇଯିବା
ଅକ୍ଷରଙ୍କ ଭଳି ଯୋଡ଼ି ହୋଇ
ସୀମାହୀନ ସରଳରେଖାଟେ ପରି
ଲମ୍ବିଯିବା ସେଇଯାଏଁ
ଯେଉଁଠି ତୁମକୁ ଓ ମୋତେ କେହି
ଜାଣନ୍ତିନି।

ତୁମେ କମା ହେବ,ମୁଁ ହେବି
ପୂର୍ଣ୍ଣଚ୍ଛେଦ
ତୁମେ ଆରମ୍ଭ ହେଲେ ମୁଁ ହେବି ଇତି
ମୁଁ ହେବି ନୀଳ ଢେଉଟେ ଶବ୍ଦଙ୍କର
ତୁମ ହେବ ତାଙ୍କ ଠିକଣା
ମୁଁ ହେବି ପ୍ରଶ୍ନବାଚୀ
ତୁମେ ଗଢୁଥିବ ନୂଆ ଗୋଟେ
ଅନୁଚ୍ଛେଦ।

ଆସ,ଚିଠିରେ ଅଠା ମାରି ସାଙ୍ଗରେ
ବୁଜି ହୋଇଯିବା
ପ୍ରାପ୍ତି-ଅପ୍ରାପ୍ତି ଭଳି
ଆନନ୍ଦ-ବିଷାଦ ଭଳି
ବନ୍ଧନ-ମୁକ୍ତି ଭଳି
ଜୀବନ-ମରଣ ଭଳି
ଚିଠିର ନୀଳ ଆକାଶ ବକ୍ଷରୁ ଖୋଜିବା
ଧୀରେ ଶୋଇ ଆସୁଥିବା ହଜିଲା
ଦିନକୁ
କାଗଜ ,କଲମର ଘନିଷ୍ଠତାକୁ
କାଳି ଓ ଆଖିଲୁହରେ ଭିଜୁଥିବା ଚିଠିର
ଦରଦୀ ମନକୁ
ମୋବାଇଲ୍ ପରଦାରୁ ହ୍ୱାଟ୍ସଆପ୍ ଚାଟ୍
ର ବହଳ ଆସ୍ତରଣ ପୋଛିଦେଇ
ଖୋଜିବା ଆମ ପୁରୁଣା ଚିଠିକୁ
ରକ୍ତର କାଳିରେ ଲେଖା ମିଠା
ଆତ୍ମୀୟତାକୁ ।

ଆସ, ଗୋଟେ ଚିଠି ହେଇଯିବା
ନୀଳ ଲଫାଫାର ନିବୁଜ ଛାତିର
ନୀଳାଭ ସ୍ମୃତି ହୋଇଯିବା ।

ତ୍ରିଶୁଳିଆ, କଟକ

ଜୀବନର ସତ୍ୟ

ରତ୍ନକାନ୍ତି ମିଶ୍ର

ଅଘଟଣ ଯଦି ଘଟିଲା ଜୀବନେ
ପଛ କଥା ଭାବି ଭୁଲିଯାଅ
ବ୍ୟଗ୍ରତାରେ ଯେବେ ମନ ବିଚଳିତ
ଆଗାମୀର ଚିନ୍ତା ଛାଡିଦିଅ ॥

ଶାନ୍ତି ଯେବେ ଚାହଁ ଅନ୍ତର ପ୍ରଦେଶେ
ବର୍ତ୍ତମାନ ଠାରେ ରୁହ ତୃପ୍ତ
ଭୂତ ବା ଭବିଷ୍ୟ ନଷ୍ଟ କରେ ଖୁସି
ସଂସାରଟି ଲାଗେ ବିପର୍ଯ୍ୟସ୍ତ ॥

ସମୟ ସ୍ରୋତରେ ହଜିଯିବ ସବୁ
ସୁକର୍ମ ରହିବ କୀର୍ତ୍ତି ହୋଇ
କର୍ମେ ରୁହ ଲିପ୍ତ ଭାବରେ ନିର୍ଲିପ୍ତ
ଦୁଃଖ ବା ଯନ୍ତ୍ରଣା ଯିବ ଧୋଇ ।

ସ୍ନେହ ସଦିଚ୍ଛାରେ ବନ୍ଧା ଏ ଜୀବନ
ବଞ୍ଚିବାଟା ନୁହେଁ ଅର୍ଥହୀନ
ପ୍ରତି ମୁହୂର୍ତ୍ତରୁ ଖୁସି ସାଉଁଟିଲେ
ପ୍ରୀତିମୟ ହେବ ଏ ଜୀବନ ॥

ଆଜିର ସମୟ କାଲିକୁ ନଥିବ
ଦୁନିଆର ପରା ସତ୍ୟ ଏହି
ଦୁଃଖ ଅବା ସୁଖ ସବୁତ ନିଜର
କେବେ ଖରା ଅବା କେବେ ଛାଇ ॥

ଆଳି, କେନ୍ଦ୍ରାପଡା

ଅନାଥ ମଣିଷ

ନିରଞ୍ଜନ ସାହୁ

ଭାଗ୍ୟଚକ୍ର ସଦା କାଳଚକ୍ର ସାଜି
ଘୁରୁଥାଏ ଅବିରାମ
କିଏ ଜାଣେ କେବେ କଅଣ ଘଟିବ
ବିଧି ହୋଇଯିବ ବାମ ।

ସବୁ ଠିକ ଥିବ ଅଚାନକ ହେବ
ଘୋର ବିପରୀତ ରୀତି
ବଦଳାଇ ଦେବ ଜୀବନର ମୋଡ଼
ମାନିକି ବିଧାତା ନୀତି
ମଣିଷ ସାଜିବ ଅନାଥଟେ ପରି
ଭାଗ୍ୟ ଦେଲେ ତାକୁ ନାମ ।

ଅନାଥ ଜୀବନ ଭାରି ଦୁର୍ବିସହ
ବଞ୍ଚିବାଟା ବଡ଼ କଷ୍ଟ
ହାହୁତାଶମୟ ଏ ପୋଡା ଜୀବନ
ଭବିଷ୍ୟତ ପୁରା ନଷ୍ଟ
ବୁଝି ହୁଏ ନାହିଁ କାହିଁକି ବିଧାତା
କରେ ଏ ନିଷ୍ଠୁର କାମ ।

'ଆହା ଆହା' , 'ଚୁ ଚୁ' ପଦ ଶୁଣାଯାଏ
ସମବେଦନାରେ କିଛି
ନିରେଖି ଦେଖିଲେ ସେ ସମବେଦନା
ଲାଗୁଥାଏ ମିଛିମିଛି
ଆଖିରେ ନାଚଇ ଅନାଥର ନାଥ
ଜୟ ଜଗନ୍ନାଥ ଧାମ ।

*ନିହଲପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ-୯୯୩୮୭୪୧୫୮୩*

ଅନୁତାପ

ବାଉରିବନ୍ଧୁ ଲେଙ୍କା

ଏ ଜୀବନପଥ ଅତି କଣ୍ଟକିତ
ଚାଲିବା ବହୁତ କଷ୍ଟ
ଯିଏସେ ଚାଲିଛି ସେଇ ହିଁ ଜାଣିଛି
ଜୀବନ ଚିତ୍ରକୁ ସ୍ପଷ୍ଟ ?

ଦୁଃଖ ଆସିଥାଏ ସୁଖ ଆସିଥାଏ
ଏହି ଜୀବନ ପଥରେ
ଦୁଃଖ ସୁଖ ସମ ଭାବେ ଯେ ଦେଖଇ
ପାଏନି କଷ୍ଟ ଅନ୍ତରେ ?

ସବୁ କର୍ମ କେବେ ଠିକ୍ ହୁଏନାହିଁ
ହୋଇପାରେ କିଛି ତ୍ରୁଟି
ସେଥିପାଇଁ ଯଦି ମନେ ଅନୁତାପ
ମିଳେ ଉପଶମ କିଛି ?

ଅଜାଚିତ ଦାନ ପଛେ ଖଳ ମନ
ରହିଥାଏ ସଦା ଛପି
ନବୁଝି ସେ ଦାନ କରେ ଯେ ଗ୍ରହଣ
ଭୋଗୁଥାଏ ଦୁଃଖ ବସି ?

ନିଜ ଭୁଲ ପାଇଁ ସ୍ୱତଃ ଅନୁତାପ
ଆସଇ ଯଦି ମନରେ
ସେହି ଭୁଲ ପୁନଃ କରେନି ମଣିଷ
ଅବଶିଷ୍ଟ ଜୀବନରେ ?

ଅନୁତାପ ଅଶ୍ରୁ ଧୋଇଦିଏ ମନୁ
ଥାଏ ଯେତେକ କଳୁଷ
ଜୀବନର ପଥେ ଆଗେ ଚାଲିବାକୁ
ଜଗାଏ ହୃଦେ ବିଶ୍ୱାସ ?

କାଗଜ ଡଙ୍ଗା

ଉମାକାନ୍ତ ନାଥ

ଅନେକ ଦିନ ପରେ ଛିପି ଛିପି ବର୍ଷାର ଜଳବିନ୍ଦୁରେ ମନେପଡିଗଲ ତୁମେ ଓ ତୁମେ ଭସାଉଥିବା ହାତ ତିଆରି କାଗଜ ଡଙ୍ଗା ।କାଗଜ ଡଙ୍ଗାକୁ ଭଲପାଅ ବୋଲି ମୁଁ ଅନେକଥର ରାଣ ଦେଇଛି ଆସିବାକୁ ବର୍ଷା ରାଣୀକୁ ତୁମ ଅଗଣା ପାଖ ଦାଣ୍ଡ ଦୁଆରକୁ ।ସେ କଥା କେବଳ ଜାଣିଛି ମୁଁ ଆଉ ଆକାଶରର ଖଣ୍ଡଖଣ୍ଡ ମେଘମାଳ।
ତୁମର ହାତତିଆରି ଡଙ୍ଗା, ଡଙ୍ଗାରେ ଚିତ୍ରବିଚିତ୍ର ସହ ଦୁଇ ନାମର ପ୍ରଥମ ଅକ୍ଷର ,ଏମିତି ଅନେକ କିଛି ଲେଖାଥିବା ଡଙ୍ଗା ମୋ ଅଗଣା ପାଖ ଦେଇ ଅନେକଥର ଆସିଛି ।ମୁଁ ସେ ଡଙ୍ଗାକୁ ଦେଖିଛି,ଧରିଛି ଆଉ ପୁଣି ଥରେ ପାଣିର ସ୍ରେତରେ ଭସାଇଦେଇଛି ।ଏମିତି ଅନେକଥର ତୁମ ଡଙ୍ଗା ଆସିଛି ଆଉ ମୁଁ ଭସାଇଦେଇଛି ବହୁତ ଦୂରକୁ ଦୂରକୁ ।ବୋଧହୁଏ ସେଇଥିପାଇଁ ତୁମର ଜୀବନ ଡଙ୍ଗା ଭାଷିଗଲା କେଉଁ ଏକ ଅଜଣା ରାଇଜକୁ ମୋ ଠିକଣା ଭିତରୁ। ତଥାପି ତୁମେ ଆଜି ବହୁତ ମନେପଡୁଛ ବୋଲି ପୁରୁଣା ରଫ୍ ଖାତାତ ନାହିଁ ଅଫିସର ରଫ୍ ପେପରରେ ତିଆରି କରିଛି ଗୋଟିଏ କାଗଜ ଡଙ୍ଗା ।ଛିପି ଛିପି ବର୍ଷାର ଧାରାରେ ଭାଷାଇ ଦେଇଛି ତୁମରି ଠିକଣାରେ ।ଭାସିଭାସି ଗଲା ଗାଁ ମୁଣ୍ଡରେ ତୋଳିଥିବା ତୁମର ନୂଆ ଘର ପାଖକୁ ।ଭାବୁଥିଲି ବୋଧହୁଏ ସେଇଠି ରହିଯିବ ସେହି ମୋର କାଗଜ ଡଙ୍ଗା ।ହେଲେ ଭାସିଗଲା ତୁମ ଘରଠାରୁ ଅନେକ ଦୂର ଆଗକୁ ।ଠିକଣା ହଜେଇଦେଲା ସେ କାଗଜ ଡଙ୍ଗା, ଭୁଲିଗଲା ସେ ଆମ ଭଲପାଇବାର ବିନ୍ଦୁ ବିନ୍ଦୁ ଜଳରାଶିକୁ ।ଭାରି ମନ ଦୁଃଖ ଲାଗିଲା ।କିଛି ସମୟ ପରେ ଏକ ଦୃଶ୍ୟ ଦେଖିଲା ପରେ ଆନନ୍ଦର ଶିହରଣ ଖେଳି ଗଲା ତନୁମନରେ। ଶାଶ୍ୱତ ପ୍ରେମର ସାଧବବୋହୁ ଖେଳିବୁଲୁଥିଲେ ଭଲପାଇବାର ଧରିତ୍ରୀ ଉପରେ। କାଗଜ ଡଙ୍ଗା ଟି ଠିକଣା ହଜେଇଦେଇଥିଲା ସତ ହେଲେ ଭାସୁଥିଲା ତୁମ ଫେସବୁକ ଷ୍ଟାଟସ୍ ରେ ।କେମିତି କେଜାଣି ସେ କାଗଜ ଡଙ୍ଗା ତୁମର ଠିକଣା ପାଇଲା ମୁଁ ଜାଣିନି ।ବୋଧହୁଏ ତୁମ ନୂଆ ଭାଉଜଙ୍କ ନୂଆ ମୋବାଇଲର କ୍ୟାମେରା ଦେଇଛି କାଗଜ ଡଙ୍ଗାକୁ ତୁମର ଠିକଣା।
ଯା ରେ ଭାସି ଭାସି ଯା
କାଗଜ ଡଙ୍ଗା ମୋ ଭାସି ଯା,
ଯେତେ ଦୂରେଥାଉ ପ୍ରିୟା ମୋର
ସୁଖ ଦୁଃଖ ଟିକିଏ ବୁଝିଆ,
ଯା ରେ ଭାସି ଭାସି ଯା
କାଗଜ ଡଙ୍ଗା ମୋ ଭାସି ଯା.......।

ତିର୍ତ୍ତୋଲ, ଜଗତସିଂହପୁର
ଧନ୍ଦାମୂଳକ ପ୍ରଶିକ୍ଷକ, ବନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ, କୁଜଙ୍ଗ, ଜଗତସିଂହପୁର
ମୋ -୮୦୯୩୫୦୦୩୯୧/ ୮୯୧୭୬୯୭୮୨୫



ନାଟ୍ୟକାର, ସଂଗଠକ, କବି: ନନ୍ଦ ମଉସା

ବାପାଙ୍କ ଦେହାନ୍ତର ୧୪ ଦିନରେ, ଆମେ ରହୁଥିବା ସରକାରୀ କ୍ୱାର୍ଟରରେ ମହୋତ୍ସବ ପାଳନ ହେଉଥାଏ। ହରେକୃଷ୍ଣ ମହାମନ୍ତ୍ରରେ ଘରବାରି ପ୍ରତିଧ୍ୱନିତ ହେଉଥାଏ। ସହଯୋଗୀମାନଙ୍କ ମେଳରେ ନରସିଂହ ନନ୍ଦଙ୍କ ସୁଲଳିତ କଣ୍ଠରେ ଶ୍ରୀକୃଷ୍ଣଙ୍କ କୀର୍ତ୍ତନ ଶୁଣି ଆଖିରୁ ଲୁହ ଝରି ପଡୁଥାଏ। ନନ୍ଦ ମଉସା ଯେ କି, ମୋ ବାପାଙ୍କର ପରମ ବନ୍ଧୁ ଓ ଦିଗ୍‌ଦର୍ଶକ ଥିଲେ। ଯେକୌଣସି ବିଷୟରେ ଜାଣିବା ନିମନ୍ତେ ତଥା ବିପତ୍ତିରେ ମୋର ବାପା ନନ୍ଦ ମଉସାଙ୍କ ପରାମର୍ଶ ଲୋଡୁଥିଲେ।

ଆମେ ଦୁଇ ପରିବାର ପାଖାପାଖି ୪୦ବର୍ଷ ଧରି ନିକଟତର ହୋଇ ରହୁଥିଲୁ। ତାଙ୍କ ଘରକୁ ମୋର ଛୁଆବେଳୁ ଅବାଧ ପ୍ରବେଶ ଥିଲା। ତାଙ୍କ ଘରକୁ ଯାଇ ସେତେବେଳର ଜହ୍ନମାମୁ ଓ ଅନ୍ୟାନ୍ୟ ଗଳ୍ପପୁସ୍ତକ ପଢିବାରେ ମୋର ଘଣ୍ଟା ଘଣ୍ଟା ବିତୁଥିଲା। ଆମ ଘର ଭଳି ନନ୍ଦ ମଉସାଙ୍କ ଘର ଥିଲା ଆଧ୍ୟାତ୍ମିକ ପରିବେଶ ଭିତରେ। ଠାକୁର ପୂଜା ଓ ଈଶ୍ୱରଙ୍କ ଆରାଧନା ନନ୍ଦ ମଉସାଙ୍କ ଦୈନନ୍ଦିନ ଜୀବନରେ ପ୍ରମୁଖ ଭୂମିକା ନିଭାଉଥିଲା। ତାଙ୍କ ଭଳି ତାଙ୍କ ପରିବାରର ଅନ୍ୟାନ୍ୟ ସଦସ୍ୟ ସଦସ୍ୟାମାନେ ଥିଲେ ଅତ୍ୟନ୍ତ ମେଳାପୀ। ଯୁବ ବୟସରୁ କବିତା ଓ ନାଟକ ଲେଖିବା ଥିଲା ନରସିଂହ ନନ୍ଦଙ୍କର ଅନ୍ୟତମ ବିରଳ କୃତି। ସରକାରୀ ଚାକିରୀ ସହ ସେ ଜଣେ ସଂଗଠକ ଭାବରେ ମଧ୍ୟ ଅତ୍ୟନ୍ତ ପରିଚିତି ଲାଭ କରିଥିଲେ।

ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ତାଙ୍କ ଉଦ୍ୟମରେ ଗଢି ଉଠିଥିଲା ସାଂସ୍କୃତିକ ଅନୁଷ୍ଠାନମାନ। ତନ୍ମଧ୍ୟରୁ ଗୋଦାବରୀଶ ସାହିତ୍ୟ ସଂସଦ, ଶିଶୁ ସାଂସ୍କୃତିକ ପରିଷଦ ଥିଲା ଅନନ୍ୟ। ରାଜ୍ୟର ବଛା ବଛା ଲେଖକ ଓ କବିମାନଙ୍କୁ ନେଇ ସେ ଗଢିଥିଲେ ଗୋଦାବରୀଶ ସାହିତ୍ୟ ସଂସଦ। ସେହିପରି ଉଦ୍ୟମୀ ଯୁବଗୋଷ୍ଠୀ ଓ ସାଂସ୍କୃତିକ ଧାରାକୁ ନେଇ ଗଢାଯାଇଥିଲା ଶିଶୁ ସାଂସ୍କୃତିକ ପରିଷଦ। ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ପାଥେୟ କରି ନନ୍ଦ ମଉସା ନିଜ ଜୀବନକୁ ସେଥିରେ ଉତ୍ସର୍ଗ କରିଥିଲେ।

ଯୁବଗୋଷ୍ଠୀ ମଧ୍ୟରେ ନାଟକ ଓ କାବ୍ୟକବିତାକୁ ଲୋକପ୍ରିୟ କରିବା ତଥା ପ୍ରଚାର, ପ୍ରସାର କରିବା ପାଇଁ ସେ ଗଢିଥିଲେ ଯୁବ ଲେଖକ ସମ୍ମିଳନୀ। ଯେଉଁଥିରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଯୁବ ଲେଖକମାନେ ସାମିଲ୍ ହୋଇ ନିଜର ପ୍ରତିଭା ପ୍ରତିପାଦିତ କରିପାରିଥିଲେ। ଓଡ଼ିଶାର ଗଣପର୍ବ ରଜପର୍ବରେ ତାଙ୍କ ସ୍ୱରଚିତ ନାଟକଗୁଡ଼ିକ ଶିଶୁ ସାଂସ୍କୃତିକ ପରିଷଦ ଦ୍ୱାରା ପରିବେଷଣ କରାଯାଉଥିଲା। ନୂଆ ନୂଆ ଯୁବପିଢି ଏହି ଲୋକପ୍ରିୟ ପୌରାଣିକ ନାଟକଗୁଡ଼ିକରେ ଅଂଶଗ୍ରହଣ କରୁଥିବା ବେଳେ ବିଭିନ୍ନ ବୟସର ନିର୍ଦ୍ଦେଶକମାନେ ଏଥିରେ ସାମିଲ ହେଉଥିଲେ। ତାଙ୍କ ରଚିତ ନାଟକଗୁଡ଼ିକ ଭିତରେ 'ଯଦୁପତି ଜଗନ୍ନାଥ' ଥିଲା ଅନ୍ୟତମ। ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ନାଟକଟି ବେଶ୍ ଆଦୃତ ଲାଭ କରିଥିଲା।

ଓଡ଼ିଆଙ୍କ ବାରମାସରେ ତେରପର୍ବ ମଧ୍ୟରେ ଦୋଳମେଳନ ଅନ୍ୟତମ। ଏହି ଦୋଳ ଉତ୍ସବକୁ ସେ ରାଜଧାନୀ ଭୁବନେଶ୍ୱର ମଧ୍ୟରେ ଆୟୋଜନ କରାଇବାରେ ସଫଳ ହୋଇଥିଲେ। ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଗଠନ କରି ସ୍ୱରଚିତ ସଙ୍ଗୀତ ଓ ଭଜନ ମାଧ୍ୟମରେ ଆଧ୍ୟାତ୍ମିକ ଜଗତରେ ସେ ବେଶ୍ ପରିଚିତ ଥିଲେ। ତାଙ୍କ କଣ୍ଠର ମାଧୁର୍ଯ୍ୟ ସମସ୍ତଙ୍କୁ ବିମୋହିତ କରୁଥିଲା। ଏବେ ବି ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସଚ୍ଚିଦାନନ୍ଦ ସଂକୀର୍ତ୍ତନ ପରିଷଦ ତାଙ୍କର ଏହି ଭାବଧାରାକୁ ବଜାୟ ରଖିବାରେ ସଫଳ ହୋଇଛି। ଜୀବନକାଳ ମଧ୍ୟରେ ସେ ବହୁ ଯୁବକମାନଙ୍କୁ ପ୍ରେରଣା ଦେଇ ସେମାନଙ୍କୁ ନାଟ୍ୟକାର, କବି ଓ ସଂଗଠକ ଭାବରେ ଗଢି ତୋଳିଥିଲେ।

ଆମ ଅଞ୍ଚଳର ସେ ଥିଲେ ମୁରବୀ। ଯେକୌଣସି ବିବାଦ ବା କାର୍ଯ୍ୟକ୍ରମରେ ତାଙ୍କର ନିଷ୍ପତ୍ତି ଲୋଡ଼ା ପଡୁଥିଲା। ନିଜେ ଯେପରି ନିଜ ପିତାମାତାଙ୍କୁ ସେ ସ୍ନେହ ଓ ଶ୍ରଦ୍ଧା ସହିତ ସମ୍ମାନ କରୁଥିଲେ, ସେହିପରି ଭାବେ ନିଜ ପରିବାରର ସଦସ୍ୟ ସଦସ୍ୟାଙ୍କୁ ସେ ନିଜ ଭଳି ହେବାକୁ ଶିଖାଇଥିଲେ। ସେ ଥିଲେ ପରମ ବୈଷ୍ଣବ। ପ୍ରଭୁ ଚୈତନ୍ୟଦେବଙ୍କ ମାର୍ଗରେ ଅନୁପ୍ରାଣିତ ହୋଇ ସେ ନିଜର ଜୀବନ ବିତାଇଥିଲେ। ତାଙ୍କ ଆଚାର ବିଚାର ଓ ଜୀବନଶୈଳୀ ନୂତନ ଯୁବପିଢିଙ୍କୁ ଆକର୍ଷିତ କରୁଥିଲା। ନିଜ ଧର୍ମପତ୍ନୀଙ୍କୁ ସେ ଅତ୍ୟନ୍ତ ଭଲ ପାଉଥିଲେ। ତାଙ୍କ ଦେହାନ୍ତ ପରେ ନନ୍ଦ ମଉସା ଯେପରି ଏକାକୀ ହୋଇଯାଇ ଥିଲେ। କିଛିଦିନ ପରେ ସେ ମଧ୍ୟ ଈଶ୍ୱରଙ୍କ ସାନ୍ନିଧ୍ୟ ନିମନ୍ତେ ମନ ସ୍ଥିର କରିନେଇଥିଲେ ଓ ନିଜ ପରିବାରବର୍ଗଙ୍କ ଗହଣରେ ସେ ସ୍ୱର୍ଗବାସ ହୋଇଥିଲେ।

ନନ୍ଦ ମଉସା ଆଜି ନାହାନ୍ତି ସତ, ତାଙ୍କ ଆବର୍ତ୍ତମାନରେ ତାଙ୍କର ବହୁମୁଖୀ ପ୍ରତିଭାକୁ ତାଙ୍କୁ ଜାଣିଥିବା ମଣିଷମାନେ ସବୁଦିନ ପାଇଁ ମନେରଖିବେ।

-ପ୍ରକାଶ ରଥ

ଯୋଡାରେ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ କଲେ ଚମ୍ପୁଆ ବିଧାୟିକା

ଯୋଡା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅନ୍ତର୍ଗତ ୨ନମ୍ବର ୱାର୍ଡ ବନେଇକଳାଠାରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ ହସ୍ତକମଳରେ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟିକା ମିନାକ୍ଷୀ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରଟିକୁ ଉଦଘାଟନ କରିଥିବା ବେଳେ ଚମ୍ପୁଆ ଉପଜିଲ୍ଲାପାଳ ପ୍ରତାପ ପ୍ରିତିମୟ, କେନ୍ଦୁଝର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଅଧିକାରୀ ଅଶୋକ ଦାସ, ଯୋଡା ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ଦାସ ସମ୍ମାନୀୟ ଅତିଥିଭାବେ ଯୋଗ ଦେଇଥିଲେ। ଯୋଡା ପରି ଖଣି ବହୁଳ ଅଂଚଳରେ ଗୋଟିଏ ମାତ୍ର ସରକାରୀ ଡାକ୍ତରଖାନା ଥିବାରୁ ଜନସାଧାରଣଙ୍କୁ ଆବଶ୍ୟକ ଅନୁଯାୟୀ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହୋଇପାରୁନଥିବାରୁ ବିଧାୟିକା ଶ୍ରୀମତି ମିନାକ୍ଷୀ ମହାନ୍ତଙ୍କ ଉପସ୍ଥାପନା ଉପରେ ଗୁରୁତ୍ୱ ଦେଇ ଓଡିଶା ସରକାରଙ୍କ ଜାତୀୟ ସହରାଂଚଳ ସ୍ୱାସ୍ଥ୍ୟ ମିଶନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅନୁଯାୟୀ ଏହି ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ର ହୋଇପାରିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ର ପରିଚାଳନା ଦାୟିତ୍ୱ ରମାଦେବୀ ଗ୍ରାମ୍ୟ ବିକାଶ ସଂଗଠନ କୁ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରୋଗ୍ରାମ ମେନେଜର ଦେବାଶିଷ ମହାନ୍ତ, ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଅଧିକାରୀ ଲକ୍ଷ୍ମୀକାନ୍ତ ସିଂ, ଯୋଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଜଗଦୀଶ ପ୍ରସାଦ ସାହୁ ସମେତ ଯୋଡା ବିଜେଡି ସଂଗଠନ ପକ୍ଷରୁ ଜିଲ୍ଲା ବିଜେଡି ସଂପାଦକ ବାବୁଲାଲ ସାହୁ, ଜିଲ୍ଲା ବିଜେଡି ଉପ ସଭାପତି ରବିନ୍ଦ୍ର କୁମାର ଦାସ, ବିଜେଡି ସଂଗଠକ ସୁଶାନ୍ତ କୁମାର ବାରିକ, ମହେନ୍ଦ୍ର ମହାପାତ୍ର, ଦ୍ୱିଲିପ ନାଏକ, ନିରଞ୍ଜନ ବହିଦାର, ସୁନିଲ ସାମଲ ସମେତ ଅନେକ ବିଜେଡି ର ମହିଳା ଓ ପୁରୁଷ କର୍ମୀ ଯୋଗ ଦେଇଥିଲେ। ତେବେ ଏହି ପରିପ୍ରେକ୍ଷୀରେ ଚମ୍ପୁଆ ବିଧାୟିକା ଯୋଡା ସହରରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୫ଟି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟର ତଦାରଖ କରିବା ସହ ବିଭିନ୍ନ ୱାର୍ଡର ଲୋକମାନଙ୍କ ସମସ୍ୟା ବିଷୟରେ ବୁଝାସୁଝା କରିଥିଲେ।

ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ନେହେରୁ ଜୟନ୍ତୀ ପାଳନ

ଯାଜପୁର (ପିଏନ୍) - ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଏମ୍.ପି. ଅଞ୍ଚଳ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ନେହେରୁଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଭାରତର ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାରଭାବେ ଜବାହରଲାଲ ନେହେରୁଙ୍କ ଯୋଗଦାନ ତଥା ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ଜାତୀୟ ଅର୍ଥନୈତିକ ଅଭିବୃଦ୍ଧିକୁ ସୁଦୃଢ଼ କରିବା, ବୈଦେଶିକ ନୀତି ନାଟୋ ଓ ଜି-୩ ଶୀର୍ଷ ସମ୍ମିଳନୀରେ ଭାରତର କୂଟନୈତିକ ସମ୍ପର୍କର ଉନ୍ନତି, ବହିର୍ବ୍ୟାପାର ଓ ବୈଦେଶିକ ବାଣିଜ୍ୟିକ ସମ୍ପର୍କ, ଜାତୀୟ ରାଜପଥ, ଭାରତର ବୃହତ୍ତମ ବନ୍ଦର, ବିମାନ ବନ୍ଦର, ଭାରତର ଶିଳ୍ପାୟନର ଅଭିବୃଦ୍ଧି ବିଶେଷକରି ଭାରତର ସମ୍ବିଧାନ ପ୍ରଣୟନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏହି ଉତ୍ସବରେ ପିସିସି ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ଦଳିତ କଂଗ୍ରେସ ସଭାପତି ଦୁର୍ଯ୍ୟୋଧନ ବେହେରା, ମାନସ ରଞ୍ଜନ ପଣ୍ଡା, ଉପସଭାପତି ବିଭୂତି ମହାପାତ୍ର, ଗଦାଧର ଦାସ, ରାଜୀବ ମହାପାତ୍ର, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, କପିଳେଶ୍ୱର ଦଳାଇ, ରଘୁନାଥ ସାହୁ, ବିଦ୍ୟାଧର ବାରିକ, ସନ୍ତୋଷ ରାଉତ, ବିଜୟ କୁମାର ମହାପାତ୍ର, ନକୁଳଦେବ ସାହୁ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ଜେନା, ସ୍ୱରାଜ ଜେନା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଶେଷରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି ଧନ୍ୟବାଦ ଦେଇଥିଲେ।

କଂଗ୍ରେସ ଜନଜାଗରଣ ଯାତ୍ରାର ଶୁଭାରମ୍ଭ

ରାଉରକେଲା (ପିଏନ୍): ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତ୍ତି ଅନୁଯାୟୀ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧି ନୀତି, ଭ୍ରଷ୍ଟାଚାର ଓ ରାଉରକେଲା ପ୍ରତି ଚରମ ଅବହେଳା ବିରୁଦ୍ଧରେ ଜନଜାଗରଣ ଯାତ୍ରା ଆରମ୍ଭ କରାଯାଇଛି । ଏହି ଯାତ୍ରାର ଶୁଭାରମ୍ଭ ଐତିହାସିକ ପାନପୋଷ ଗାନ୍ଧୀ ଛକଠାରୁ ଅପରାହ୍ଣ ୪ ଘଟିକାରେ ଆରମ୍ଭ ହୋଇ ଛେଣ୍ଡ ଭିଏସ୍ଏସ୍ ମାର୍କେଟଠାରେ ସାଢେ ୮ ଘଟିକାରେ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ପାନପୋଷ ଗାନ୍ଧୀ ଛକଠାରୁ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ପଦଯାତ୍ରାରେ ଯାଇ ପାନପୋଷ ହାଇସ୍କୁଲ ନିକଟରେ ଉପସ୍ଥିତ ଗ୍ରାମବାସୀଙ୍କୁ ସମ୍ବୋଧିତ କରିଥିବା ବେଳେ ୭ ନମ୍ବର ବ୍ଲକ୍‌ର କଳିଙ୍ଗ ବିହାର, ବିଏସ୍ଏନ୍ଏଲ୍ ଛକ ଓ ଭିଏସ୍ଏସ୍ ମାର୍କେଟ ଠାରେ ପଥପ୍ରା' ସଭାରେ ଉପସ୍ଥିତ ଲୋକମାନଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରର ଜନବିରୋଧି ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିବା ବେଳେ ଏ ସମସ୍ତ ପଥପ୍ରା' ସଭାରେ ଉପସଭାପତି ଦେବବ୍ରତ ବିହାରୀ ଅଧକ୍ଷତା କରି ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏ ସମସ୍ତ ସଭାରେ ଶ୍ରୀ ସେନାପତିଙ୍କ ସମେତ ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶା' ସେଠୀ, ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ମହିଳା କଂଗ୍ରେସ ସଭାନେତ୍ରୀ

ନିରୂପମା ବଳିୟାର ସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, କଂଗ୍ରେସ ମୁଖପାତ୍ର ଗିରିଜା ଶଙ୍କର ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇ କିଭଳି ଭାବରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପେଟ୍ରୋଲ, ଡିଜେଲର ଦରବୃଦ୍ଧି କରି ସାଧାରଣ ଲୋକଙ୍କ ଠାରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଟ୍ କରୁଛନ୍ତି ସେ ସମ୍ପର୍କରେ ଅବଗତ କରାଇଥିଲେ । କଂଗ୍ରେସ ସରକାର ସମୟରେ ୪୧୪ ଟଙ୍କାରେ ବିକ୍ରି ହେଉଥିବା ରନ୍ଧନ ଗ୍ୟାସ ସିଲିଣ୍ଡର ଆଜି ୯୬୦ ଟଙ୍କାରେ ପହଞ୍ଚିଥିବା ବେଳେ ବେକାରୀ ଓ ବେରୋଜଗାରୀ ହୁ ହୁ ହୋଇ ବଢିବାରେ ଲାଗିଛି । ବେକାରୀ ଗତ ୫୦ ବର୍ଷର ରେକର୍ଡ ଭାଙ୍ଗି ଦେଶରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ବେଳେ ଗତ ୨ ବର୍ଷରେ ୧୨ କୋଟି ଲୋକ ରୋଜଗାର ହରାଇଛନ୍ତି । ନବୀନ ବାବୁ ତାଙ୍କ ୨୧ ବର୍ଷର ଶାସନରେ ଓଡିଶାରେ ୪୫ ଲକ୍ଷ ବେକାରୀ ସୃଷ୍ଟି କରିଛନ୍ତି ନେତୃବୃନ୍ଦ ଅବଗତ କରାଇଥିଲେ । ଓଡିଶାରେ ଆଜି ପ୍ରତ୍ୟେକ ଦିନ ୪ଟି ହତ୍ୟା, ୪ଟି ଧର୍ଷଣ ଓ ୧୧ଟି ଅପହରଣ ଘଟଣା ଘଟୁଥିବା ବେଳେ ମମିତା ମେହେର ଅପହରଣ ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ନବୀନ ବାବୁଙ୍କ ସରକାର ସୁରକ୍ଷା ଦେଇ ଅପରାଧିକ ଘଟଣାକୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ନେତୃବୃନ୍ଦ ଅଭିଯୋଗ କରିଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ଓ ଶ୍ରମିକ ମାରଣ ନୀତି ଯୋଗୁଁ ଆଜି ଚାଷୀ ଓ ଶ୍ରମିକଙ୍କ ଆନ୍ଦୋଳନ ଚାଲିଥିବା ବେଳେ ଉଭୟ ସରକାର ପୁଞ୍ଜିପତିଙ୍କ ସ୍ୱାର୍ଥରକ୍ଷାରେ ମାତିଛନ୍ତି ବୋଲି ବକ୍ତାମାନେ ପ୍ରକାଶ କରି ଆଗାମୀ ଦିନରେ ଆସୁଥିବା ପଞ୍ଚାୟତ ଓ ପୌର ନିର୍ବାଚନରେ ଉଭୟ ବିଜେଡି ଓ ବିଜେପିକୁ ଠିକଣା ଜବାବ ଦେବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ କଂଗ୍ରେସ ସଭାପତି ଶୈଳେନ୍ଦ୍ର ତିୱାରୀ, ବିଜୟ କୁମାର ଆପଟ ପଦଯାତ୍ରା ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ସାଧାରଣ ସମ୍ପାଦକ ସରସ୍ୱତୀ ଭୂମିଜ, ତୁଳସୀ ନାଗ ଓ ଏମ୍‌ଡି ମଜମୁଦ୍ଦିନ, ମୁଖପାତ୍ର କୈଳାସ ସାହୁ, କୃଷକ କଂଗ୍ରେସ ଅଧକ୍ଷ ମନମୋହନ ଓରାମ, ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ, ବୁଲୁ ଦାସ, ଜ୍ଞାନରଂଜନ କର, ଜିଲ୍ଲା କଂଗ୍ରେସର ଶ୍ୟାମେନ୍ଦ୍ର ମାହାତୋ, ରତିକା' ମଲ୍ଲିକ, ପ୍ରତିମା ପାଣିଗ୍ରାହୀ, ରୁକସାନା ବେଗମ, ଅମ୍ରିତ କୌର, ବରବୀର ସିଂହ, ଲୋକନାଥ ଭୂମିଜ, ବ୍ଲକ୍ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ମାତା ପ୍ରସାଦ ଜୟସ୍ୱାଲ, ପ୍ରତାପ ସାହୁ, ଅନୁପ ସାହୁ, ସୁଧୀର ନାଥ, ଧର୍ମେନ୍ଦ୍ର ପରମାର, ବସ' ସାମଲ, ସୁବଳ ବାସୁରୀ, ବିଜୟ ସାହୁ, ଗଣେଶ ମୁଣ୍ଡାରୀ, ରେହେମାନ ଖାନ, ଏସ୍‌ସି ସେଲ୍ ଅଧକ୍ଷ ବିନୋଦ ତ'1, ଏମ୍‌ଡି ନିଜାମ, ଜିତେନ୍ଦ୍ର ଦାସ, ଏମ୍‌ଡି ମୁର, ଏମ୍‌ଡି ସବୀର, ଏମ୍‌ଡି ସଲ୍ଲାଉଦ୍ଦିନ, ଯୁବନେତା ବିଶ୍ୱଜିତ ସାହୁ, ଏମ୍‌ଡି ଇମତିଆଜ, ଏମ୍‌ଡି ଗୁଲାବ, ଶ୍ୟାମ ସାଗର, ବିଜୟ ପଟ୍ଟନାୟକ, ମଙ୍ଗଳ ମୁଣ୍ଡାରୀ, ରାଜେଶ ପତି, ବିଶ୍ୱଭୂଷଣ ସର, ଲିଙ୍ଗରାଉଜ ମର୍ହା', ଆଇନ୍‌ଜୀବୀ ଉପେନ୍ଦ୍ର ରାଉତ, ମୀନକେତନ ମିଶ୍ର, ସୁକା' ସାହୁ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଆଜିର ଏହି ଜନ ଜାଗରଣ ଯାତ୍ରାରେ ସାମିଲ୍ ହୋଇଥିଲେ ବୋଲି ଦଳ ତରଫରୁ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ଗୋସେବା ସମିତି ଗଠିତ

ଅନୁଗୋଳ (ପିଏନ୍): ପବିତ୍ର ଗୋଷ୍ଠାଷ୍ଟମୀ ଅବସରରେ ଅନୁଗୋଳ ସ୍ଥିତ ଶ୍ରୀ ଗୋପାଳ ଗୋଶାଳା ପରିସର ମଧ୍ୟରେ ପୂଜ୍ୟ ବ୍ରହ୍ମଚାରୀ ଶ୍ରୀ ସୀତାରାମଜୀ ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲା ସମିତି ଘୋଷଣା ମାଧ୍ୟମରେ ବ୍ଲକ ସମିତି ଗଠନ ସମ୍ପର୍କରେ ଆଲୋଚନା କରିବା ସହ ଗ୍ରାମମାନଙ୍କରେ ସୁରଭି ସତ୍‌ସଙ୍ଗ ଆରମ୍ଭ କରିବା ଉଦ୍ଦେଶ୍ୟରେ ଏକ ସଭାର ଆୟୋଜନ ହୋଇଯାଇଛି । ସୁରଭି ସତ୍‌ସଙ୍ଗ ମାଧ୍ୟମରେ ଲୋକମାନଙ୍କୁ ଗୋ-ମାତା ପ୍ରତି ଶ୍ରଦ୍ଧା, ଭକ୍ତି, ଜ୍ଞାନ, ସେବାର ଭାବ ଜାଗୃତ କରିବା ଓ ପଂଚଗବ୍ୟର ସଦ୍‌ବ୍ୟବହାର ଓ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ଲକ୍ଷ ନେଇ ଗୋସେବା ସଂଗଠନ କାର୍ଯ୍ୟ କରୁଥିବା ନେଇ ସଭାରେ ସଂଯୋଜକ ମନୋଜ ଅଗ୍ରୱାଲ ପ୍ରକାଶ କରିଥିଲେ । ଏ କ୍ରମରେ ବୈଠକର ମାର୍ଗଦର୍ଶକ ପ୍ରଦେଶ ସଂଗଠନ ସଂପାଦକ ନିରନ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ଗୋସେବା ସମିତି ଘୋଷଣା କରାଯାଇଥିଲା । ସେଥିରେ ଢେଙ୍କାନାଳ ଜିଲ୍ଲା ପାଇଁ ସଭାପତି ଭାବରେ ଡାକ୍ତର ମୋହିତ କୁମାର ଦାଶ, କାର୍ଯ୍ୟକାରୀ ସଭାପତି- ବରିଷ୍ଠ ଆଇନଜୀବୀ କୃଷ୍ଣ ଚନ୍ଦ୍ର ସାହୁ, ଉପସଭାପତି- ଦିଲ୍ଲିପ କୁମାର ମିଶ୍ର, ସଂପାଦକ- କୃଷ୍ଣ ଚନ୍ଦ୍ର ପରିଡା, ସହ ସଂପାଦକ- ମାୟାଧର ବେହେରା, କୋଷାଧ୍ୟକ୍ଷ- ବିଭୁତି ଭୂଷଣ ଦାଶ, ମହିଳା ପ୍ରମୁଖ- କୁସୁମ ମରୀ ପରିଡା, ଗୋଶାଳା ପ୍ରମୁଖ- ଶେଷଦେବ ରାଉତ, ସତ୍‌ସଙ୍ଗ ପ୍ରମୁଖ- ଆଦିତ୍ୟ କୁମାର ଆଚାର୍ଯ୍ୟ, ଓ ସଦସ୍ୟ ଭାବେ ସନ୍ତୋଷ କୁମାର ରାଉତ, ଏବଂ ସରୋଜ କୁମାର ଧଳଙ୍କୁ ମନୋନୀତ କରାଯାଇଛି । ସେହିଭଳି ଅନୁଗୋଳ ଜିଲ୍ଲା ପାଇଁ ସଭାପତି ଭାବରେ ପ୍ରଫୁଲ୍ଲ କୁମାର ସାହୁ, କାର୍ଯ୍ୟକାରୀ ସଭାପତି- ପ୍ରଭାତ କୁମାର ଧର, ଉପସଭାପତି- ଲୋକନାଥ ସାହୁ, ସଂପାଦକ- ଦିବାକର ପ୍ରଧାନ, ସହ ସଂପାଦକ- ରମାକାନ୍ତ ପ୍ରଧାନ, ମହିଳା ପ୍ରମୁଖ- ସୁମିତ୍ରା ଅଗ୍ରୱାଲ, ଗୋଶାଳା ପ୍ରମୁଖ- ଅଜୟ କୁମାର ଦାସ, ସତ୍‌ସଙ୍ଗ ପ୍ରମୁଖ- ଦିଲ୍ଲିପ କୁମାର ବେହେରା ଓ ସଦସ୍ୟ ଭାବେ କିର୍ତନ ବେହେରା ଏବଂ ସରିତା ପ୍ରଧାନଙ୍କୁ ମନୋନୀତ କରାଯାଇଛି ।

କେନ୍ଦ୍ରାପଡାରେ ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା (ପିଏନ୍): କୋଭିଡ ମହାମାରୀ ପରେ ଓଡିଶାର ପ୍ରଥମ ରାଜ୍ୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା-୨୦୨୧ ଗୁରୁବାର ସନ୍ଧ୍ୟାରେ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଉଦ୍‌ଘଟିତ ହୋଇଯାଇଛି । କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ଉଦ୍‌ଘାଟକ ଭାବେ ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲା ସାରା ରାଜ୍ୟରେ ପ୍ରଥମ ଜିଲ୍ଲାଭାବେ ପଲ୍ଲୀଶ୍ରୀ ମେଳା ଆୟୋଜନ କରିବାରେ ଗୌରବ ଅର୍ଜନ କରିଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ । ଅନ୍ୟତମ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଯୋଗଦେଇ ବିଗତ କରୋନା ମାଡରେ ସ୍ୱଂୟ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ଅର୍ଥିକ ଦୂରାବସ୍ଥାକୁ ସୁଦୃଢ କରିବାରେ ଏହି ପଲ୍ଲୀଶ୍ରୀ ମେଳା ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ପଲ୍ଲୀଶ୍ରୀ ମେଳାର ସମସ୍ତ ଷ୍ଟଲ ପୁରଣ ହୋଇଥିବାରୁ ଆତ୍ମସନ୍ତୋଷ ବ୍ୟକ୍ତ କରିଥିଲେ । ଜିଲ୍ଲାର ଜନସାଧାରଣ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ଗୁଡିକ କିଣିବାକୁ ସେ ଅନୁରୋଧ କରିଥିଲେ । ଜିଲ୍ଲାପାଳ ଅମ୍ରିତ ଋତୁରାଜ ବିଗତ ଦେଡ ବର୍ଷ ହେଲା ପଲ୍ଲୀଶ୍ରୀ ମେଳା ବନ୍ଦ ହୋଇଯାଇଥିବାରୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଘୋର ଆର୍ଥିକ ଦୂରାବସ୍ଥାରେ ଥିଲେ । ଆଜିର ଏହି ମେଳା ନିଶ୍ଚିତ ଭାବେ ସେମାନଙ୍କୁ ସହାୟକ ହେବ ବୋଲି କହିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଉପଜିଲ୍ଲାପାଳ ନିରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଓରମାସର ଜିଲ୍ଲା ମୁଖ୍ୟ ନିର୍ବାହୀ ଆଶିଷ ରାଉଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତିରାଜ ପ୍ରତିନିଧି ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଗଣ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ଏହି ମେଳାର ପ୍ରାୟ ୬୦ଟି ଷ୍ଟଲରେ ରାଜ୍ୟର ୨୭ଟି ଜିଲ୍ଲାରୁ ସ୍ୱୟଂ ସହାୟିକା ଗୋଷ୍ଠୀ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରୟ କରୁଥିବା ବେଳେ ୧୦ଟି ଷ୍ଟଲରେ ଖାଦ୍ୟ ସାମଗ୍ରୀ ଓ ବିଭିନ୍ନ ସରକାରୀ ବିଭାଗ ୨୦ଟି ଷ୍ଟଲରେ ସେମାନଙ୍କ ବିଭାଗ ସମ୍ପର୍କରେ ସଚେତନା ପାଇଁ ଷ୍ଟଲ ଖୋଲିଛନ୍ତି । ଅତିଥିମାନେ ଉଦ୍‌ଘାଟନୀ ଉତ୍ସବ ପରେ ସମସ୍ତ ଷ୍ଟଲ ବୁଲି ଦେଖିଥିଲେ ।

କଳାପଥର, ଚିପ୍ସ ଚୋରା ଚାଲାଣ କରୁଥିବା ୧୦ଗାଡି ଜବତ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ କଳାପଥର ଓ ଚିପ୍ସ ଚୋରା ଚାଲାଣ କରୁଥିବା ୧୦ଟି ଗାଡିକୁ ଜବତ କରାଯାଇଛି । ଜବତ ଗାଡିଗୁଡିକୁ ଚଣ୍ଡିଖୋଲ ଫାଣ୍ଡି ଓ ଚଢ଼େଇଧରା ଚେକ୍ ପୋଷ୍ଟରେ ଅଟକ ରଖାଯାଇଛି । ଜବତ ଗାଡିଗୁଡିକରୁ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ ହେବ ବୋଲି ତହସିଲ୍ ପକ୍ଷରୁ କୁହାଯାଇଛି । ଲଘୁଖଣିଜ ସାମଗ୍ରୀ ଚୋରା ଚାଲାଣ ରୋକିବା ପାଇଁ ରାଜସ୍ୱ ଓ ପୁଲିସ୍ ପ୍ରଶାସନ ପକ୍ଷରୁ ଗଠିତ ଫ୍ଲାଇଂସ୍କ୍ୱାର୍ଡ଼ ୫୩ ନମ୍ବର ଜାତୀୟ ରାଜପଥର ଶ୍ରୀରାମପୁର ଟୋଲ୍ ଗେଟ୍, ଆରୁହା ଓ ଚଢ଼େଇଧରା ଛକ ନିକଟରେ ଅତର୍କିତ ଚଢଉ କରିଥିଲା । ଏହି ସମୟରେ ୧୦ଟି ହାଇୱା ଏବଂ ଟ୍ରକ୍‌ରେ ବେଆଇନ ଭାବେ କଳାପଥର ଓ ଚିପ୍ସ ପରିବହନ ହେଉଥିଲା । ଗାଡିଚାଳକମାନେ କଳାପଥର ଓ ଚିପ୍ସ ପରିବହନ ପାଇଁ ଆବଶ୍ୟକ ୱାଇଫର୍ମ କିମ୍ବା କ୍ରସର ବିଲ୍ ଦେଖାଇ ନପାରିବାରୁ ଗାଡିଗୁଡିକୁ ଜବତ କରାଯାଇଥିଲା । ଧର୍ମଶାଳା ତହସିଲଦାର ସ୍ୱାଗତ ଦାଶ, ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି, ଶୀତଲ ଅଗ୍ରୱାଲ, ନେଉଳପୁର ଆର୍‌ଆଇ ବିରଞ୍ଚି କୁମାର ବୋଇତେଇ, ତଳଗଡ ଆର୍‌ଆଇ ମାନସ କୁମାର ବେଜ, ନାକପୋଲ ଆର୍‌ଆଇ ଚନ୍ଦନ କୁମାର ସାହୁ ପ୍ରମୁଖ ସ୍ଥାନୀୟ ପୁଲିସ୍ ସହାୟତାରେ ଚଢଉ କରିଥିଲେ । ଉକ୍ତ ବେଆଇନ କାରବାରକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢଉ, ଗିରଫଦାରୀ, ଗାଡି ଜବତ, ଜରିମାନା ଆଦାୟ, ରାସ୍ତା ବନ୍ଦ କରିବା ଏବଂ ୧୪୪ଧାରା ଜାରି କରାଯାଉଥିଲେ ମଧ୍ୟ ମାଫିଆଙ୍କ ଉପରେ ଏହା କୌଣସି ପ୍ରଭାବ ପକାଇ ପାରୁନାହିଁ । ବରଂ ମାଫିଆମାନେ ପ୍ରଶାସନିକ ଅଧିକାରୀ ଓ ପୁଲିସ୍‌କୁ ଚ୍ୟାଲେଂଜ୍ ଦେଇ ଆହୁରି ଅଧିକ କଳାପଥର, ଚିପ୍ସ, ମୋରମ୍, ମାଙ୍କଡାପଥର, ମାଟି, ବାଲି ଆଦି ଲଘୁଖଣିଜ ସାମଗ୍ରୀ ଲୁଟ୍‌ପାଟ୍ କରୁଛନ୍ତି । ଯାହାକି ଧର୍ମଶାଳା ଅଞ୍ଚଳରେ ଥିବା ପାହାଡ ପର୍ବତର ସୁରକ୍ଷା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦିନରାତି ଲକ୍ଷ ଲକ୍ଷ ଟଙ୍କାର ବିଭିନ୍ନ ଲଘୁ ଖଣିଜ ସାମଗ୍ରୀ ଲୁଟ୍‌ପାଟ୍ ହେଉଛି । ଯାହାକୁ ରୋକିବା ପାଇଁ ପ୍ରଶାସନ ଉଦ୍ୟମ କରୁଥିଲେ ମଧ୍ୟ ସଫଳ ହୋଇ ପାରୁନାହିଁ । ରାଜ୍ୟ ସରକାର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଜବରଦଖଲ ଉଚ୍ଛେଦ ସତ୍ତ୍ୱେ ପ୍ରଭାବଶାଳୀ ଓ ମାଫିଆଙ୍କ କବଜାରେ ଏକରଏକର ସରକାରୀ ଜାଗା

ଖଣ୍ଡପଡା,(ପି.ଏନ): ଦିର୍ଘବର୍ଷ ପରେ ସରକାରୀ ଜାଗା, ସଂରକ୍ଷିତ ଜଙ୍ଗଲ ଜମିରୁ ଜବରଦଖଲକାରୀମାନଙ୍କୁ ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଖଣ୍ଡପଡା ସହରର ଉମାଦେବୀ ଛକ ପାର୍ଶ୍ୱସ୍ଥ ସରକାରୀ ଜାଗାରୁ ନୂତନ ବସଷ୍ଟାଣ୍ଡ ନିର୍ମାଣ ନିମନ୍ତେ ଜବରଦଖଲ ଉଚ୍ଛେଦ କରାଯାଇଥିବା ବେଳେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ସଂପ୍ରସାରିତ କୋଠା ନିର୍ମାଣ ନିମନ୍ତେ କୋଭିଡ କେୟାର ହସପିଟାଲ ସମ୍ମୁଖସ୍ଥ ସରକାରୀ ଜାଗାରୁ ଜବର ଦଖଲକାରୀଙ୍କୁ ହଟାଇବାରେ ତହସିଲ ପ୍ରଶାସନ କିଛିକାଂଶରେ ସଫଳ ହୋଇଛି । ମାତ୍ର ଏବେ ବି ଖଣ୍ଡପଡା ସହରର ବାଇପାସ ରାସ୍ତା, ଓଡିଶା ଆଦର୍ଶ ବିଦ୍ୟାଳୟ ପଛପାଖ, ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ସରକାରୀ ଜାଗା, ପୂର୍ତ୍ତବିଭାଗ ପରିଦର୍ଶନ ବଙ୍ଗଳା ପାର୍ଶ୍ୱସ୍ଥ ମୂଲ୍ୟବାନ ଜାଗାକୁ ପ୍ରଭାବଶାଳୀ ବ୍ୟକ୍ତିମାନେ ଅନଧିକାର ଭାବେ ଜବରଦଖଲ କରି ରଖିଛନ୍ତି । ଖାଲିସେତିକି ନୁହେଁ କେତେକ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜାଗାରେ ସ୍ଥାୟୀ ବାସଗୃହ ନିର୍ମାଣ କରିଥିବା ଅଭିଯୋଗ ହେଉଛି । ଖଣ୍ଡପଡା ତହସିଲ କର୍ତ୍ତୃପକ୍ଷ ଏ ସଂପର୍କରେ ଅବଗତ ଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତହସିଲ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନର ଅଣଦେଖା ଯୋଗୁଁ ସମୟାନୁକ୍ରମେ ଏକରଏକର ସରକାରୀ ଜାଗା ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ କବ୍ଜାକୁ ଚାଲି ଯାଉଥିବାରୁ ସାଧାରଣରେ ଏନେଇ ଉଦବେଗ ପ୍ରକାଶ ପାଇଛି । ବିଳମ୍ବରେ ହେଉପଛେ ସମସ୍ତ ସରକାରୀ ଜାଗାରୁ ଜବରଦଖଲକାରୀମାନଙ୍କୁ ହଟାଇବା ନିମନ୍ତେ ଖଣ୍ଡପଡା ତହସିଲ, ପୋଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ବୁଦ୍ଧିଜୀବି ମହଲରୁ ଦାବି ହେଉଛି ।

ବଲାଙ୍ଗୀରର ଛାତ୍ର ତାରାଚାନ୍ ରଣାଙ୍କ ଇଞ୍ଜିନିୟରିଂ ପଢିବା ୧୬,୫୦୦ ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ବଲାଙ୍ଗୀର ବଙ୍ଗମୁଣ୍ଡା ତହସିଲର ଜଣେ ପ୍ରତିଭାବାନ ଛାତ୍ର ତାରାଚାନ୍ ରଣାଙ୍କ ଇଞ୍ଜିନିୟରିଂ ପଢିବା ସ୍ୱପ୍ନକୁ ପୂରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଅର୍ଥ ଅଭାବରୁ ତାଙ୍କର ଆଡମିଶନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଥିବା ସଂପର୍କରେ ଜାଣି ମୁଖ୍ୟମନ୍ତ୍ରୀ ତାଙ୍କ ପାଇଁ ୧୬,୫୦୦ ଟଙ୍କା ମଞ୍ଜୁର କରିଛନ୍ତି । ସୂଚନାଯୋଗ୍ୟ ଯେ ବଲାଙ୍ଗୀର ଜିଲ୍ଲାର ସିନ୍ଧେକେଲା ଅଂଚଳର ବଡପଡା ଗାଁର ଜଣେ ପ୍ରତିଭାବାନ ଛାତ୍ର ହେଉଛନ୍ତି ତାରାଚାନ୍ ରଣା । ବାପା ଉପସୁ ରଣାଙ୍କ ବାର୍ଷିକ ରୋଜଗାର ମାତ୍ର ୪୫ ହଜାର ଟଙ୍କା । ତଥାପି ନିଜର ସ୍ୱପ୍ନ ପୂରଣ କରିବା ପାଇଁ ତାରାଚାନ୍ ଅବିରତ ଉଦ୍ୟମ କରି ଚାଲିଥିଲେ ଏବଂ ଚଳିତ ବର୍ଷ ଇଞ୍ଜିନିୟରିଂ ପାଇଁ ପ୍ରବେଶିକା ପରୀକ୍ଷା ଜେଇଇ ମେନ୍ ରେ ୯୯.୩୫ ପ୍ରତିଶତ ମାର୍କ ରଖି ଏନଆଇଟି ୱାରଙ୍ଗଲରେ ପଢିବା ପାଇଁ କୃତକାର୍ଯ୍ୟ ହୋଇଛନ୍ତି ।

ବିପଦର କାରଣ ପାଲଟିଛି ଶୁଖିଲା ଆମ୍ବଗଛ

ଖଣ୍ଡପଡା,(ପି.ଏନ): ଖଣ୍ଡପଡା ବ୍ଲକ ଅଧିନ କୁମ୍ଭାରପଡାରୁ ରୟତ ଢୋଲମରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱସ୍ଥିତ ଏକ ଶୁଖିଲା ଆମ୍ବଗଛ ଏବେ ପଥଚାରୀଙ୍କ ପାଇଁ ବିପଦର କାରଣ ପାଲଟିଛି । ଦୈନିକ ଉକ୍ତ ରାସ୍ତାଦେଇ ଶହଶହ ସଂଖ୍ୟାରେ ଛାତ୍ରଛାତ୍ରୀ, ଜନସାଧାରଣଙ୍କ ଠାରୁ ଆରମ୍ଭ କରି ଯାନବାହନ ଗୁଡିକ ଚଳାଚଳ କରୁଥିବା ବେଳେ ଶୁଖିଲା ଗଛର ଡ଼ାଳ ରାସ୍ତା ଉପରେ ଖସିପଡି ବିପଦ ସୃଷ୍ଟି କରୁଛି । ଗତ ୨ଦିନ ତଳେ କୁମ୍ଭାରପଡା ଗ୍ରାମର କେତେକ ବ୍ୟକ୍ତି ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ଆମ୍ବଗଛର ଏକ ଡାଳ ରାସ୍ତା ଉପରେ ଖସି ପଡିବାରୁ ସେମାନେ ଅଘଟଣରୁ ଅଳ୍ପକେ ବର୍ତୀ ଯାଇଥିଲେ । ପରବର୍ତୀ ସମୟରେ କୁମ୍ଭାରପଡା ଗ୍ରାମର କେତେକ ଯୁବକ ରାସ୍ତା ଉପରେ ପଡିଥିବା ଆମ୍ବଡାଳଟିକୁ ହଟାଇ ଦେଇଥିବା ଜଣାପଡିଛି । ତେବେ ବିପଦର କାରଣ ପାଲଟିଥିବା ଆମ୍ବଗଛଟିକୁ ଉକ୍ତ ସ୍ଥାନରୁ ହଟାଇଦେବା ନିମନ୍ତେ ପ୍ରଶାସନ ଓ ଖଣ୍ଡପଡା ବନବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

ନିରାଡମ୍ବର ଭାବେ କୋଭିଡ କଟକଣା ମଧ୍ୟରେ ପୂଜା ପାଇଲେ ମା’

କେନ୍ଦୁଝର,(ପି.ଏନ): ପବିତ୍ର ଦୀପାବଳି ଅମାବାସ୍ୟା ତିଥିରେ କେନ୍ଦୁଝର ସହରର ବିଭିନ୍ନ ପୂଜାସ୍ଥଳୀରେ ମା’ ଶ୍ୟାମାକାଳୀଙ୍କ ପୂଜା ରୀତିନୀତି ଅନୁଯାୟୀ ପାଳନ କରାଯାଉଛି । ବେଦଜ୍ଞ ବ୍ରାହ୍ମଣଙ୍କ ପୂଜା,ହୋମ,ଯଜ୍ଞ ରୀତିନୀତିରେ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶରେ ମା’ କାଳୀଙ୍କ ପୂଜା ସମ୍ପନ୍ନ ହୋଇଛି । କୋଭିଡ କଟକଣା ମଧ୍ୟରେ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ପାଳିତ ହେଉଥିବା କାଳୀପୂଜା ଅନୁଷ୍ଠିତ ହୋଇଛି । ଅତୀତରେ ମା’କାଳୀଙ୍କ ପୂଜା ଅବସରରେ ସମଗ୍ର କେନ୍ଦୁଝର ଜିଲ୍ଲା ଉତ୍ସବମୁଖର ହୋଇପଡୁଥିବାବେଳେ ଚଳିତ ବର୍ଷ କରୋନା ଏହି କାଳୀପୂଜାର ମେଳା, ମୀନାବଜାର, ଅପେରା ବନ୍ଦ ହୋଇଛି । ସର୍ବସାଧାରଣ ଦର୍ଶନ ବନ୍ଦ ଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ନୈରାଶ୍ୟ ମନୋଭାବ ପ୍ରକାଶ ପାଇଛି । କେନ୍ଦୁଝର ସହରର କାଳୀପଡିଆରେ ହେଉଥିବା ମୀନାବଜାରକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ପ୍ରମୁଖ ବ୍ୟବସାୟୀ ଆସି ବ୍ୟବସାୟ କରୁଥିବାବେଳେ ଚଳିତ ବର୍ଷର କୋଭିଡ କଟକଣାରେ ପୂଜା ସେମାନଙ୍କୁ ନିରାଶ କରିଛି । ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ସରକାର ଓ କେନ୍ଦୁଝର ଜିଲ୍ଲା ପ୍ରଶାସନ ଲାଗୁ କରିଥିବା କରୋନା କଟକଣା ପାଇଁ ଏହି ମେଳା,ମହୋତ୍ସବ ଓ ସର୍ବସାଧାରଣ ଭକ୍ତଙ୍କ ପାଇଁ ମା’ କାଳୀଙ୍କ ଦର୍ଶନ ବନ୍ଦ ରହିଛି । କେବଳ ଶାସ୍ତ୍ରମତେ ପୂଜା ଅନୁଷ୍ଠିତ ହେଉଛି । କାଳୀତୀର୍ଥ,ଟେଲିଫୋନ୍ ଏକ୍ସଚେ ନିକଟସ୍ଥ କାଳୀପୂଜା କମିଟି,କାଶିପୁର ଶ୍ମଶାନକାଳୀ ଓ ମାଇନିଂରୋଡ ରାଣୀ ଉଆସ କାଳୀପୂଜା କମିଟିଙ୍କ ନିକଟରେ ମା’ କାଳୀଙ୍କ ପୂଜା ବିଧିବିଧାନ ମୁତାବକ ପୂଜାକାର୍ଯ୍ୟ ସଂପନ୍ନ ହୋଇଛି । ଏତଦ୍‌ବ୍ୟତୀତ ମା’ କାଳୀଙ୍କ ପୀଠ ଭାବେ ପରିଗଣିତ କେନ୍ଦୁଝର ସହର ଉପକଣ୍ଠ ସିଦ୍ଧମଠ,ମାଧପୁର କାଳୀମନ୍ଦିର ଏବଂ ସରାସ କାଳୀମନ୍ଦିରଠାରେ ରୀତିନୀତି ସହିତ ମା’ କାଳୀଙ୍କର ପୂଜା ମଧ୍ୟ ଅନୁଷ୍ଠିତ ହୋଇଛି । କେନ୍ଦୁଝର କାଳୀପଡିଆର କାଳୀପୂଜା ଚଳିତ ବର୍ଷ ୮୧ ବର୍ଷରେ ପଦାର୍ପଣ କରିଥିବାବେଳେ ଏଠାରେ ଚଳିତ ବର୍ଷ ସାତ ଦିନ ଧରି ମା’ଙ୍କର ପୂଜା ଅନୁଷ୍ଠିତ ହେବ ଏବଂ ଆଠଦିନରେ ବିସର୍ଜନ ହେବ ବୋଲି ଜଣାପଡିଛି । ପ୍ରତ୍ୟେକ ବର୍ଷ ଏଠାରେ ଏଗାର ଦିନ ପୂଜା ହୋଇ ଦ୍ୱାଦଶ ଦିନ ବିସର୍ଜନ ହୋଇଥାଏ । ପ୍ରାୟ ୧୫ ଦିନ ଧରି ଏଠାରେ ମୀନାବଜାର ଓ ମେଳା ଅନୁଷ୍ଠିତ ହୋଇଥାଏ । ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଚାରି ଫୁଟର ମୂର୍ତ୍ତି କରାଯାଇଥିବାବେଳେ ଭକ୍ତଙ୍କର ଦର୍ଶନକୁ ବାରଣ କରାଯାଇଛି ବୋଲି କାଳୀ ତୀର୍ଥର ସମ୍ପାଦକ ଦୀପକ ମିଶ୍ର ପ୍ରକାଶ କରିଛନ୍ତ । କରୋନା ପାଇଁ ଅନୁରୂପ ପଦକ୍ଷେପ ଗ୍ରହଣ କରିଛି ଟେଲିଫୋନ ଏକ୍ସଚେ କାଳୀପୂଜା କମିଟି । ଚାରିଫୁଟ ଉଚ୍ଚତାର ମା’ କାଳୀଙ୍କ ବିଗ୍ରହ କରାଯାଇଥିବାବେଳେ ଚାରିଦିନ ମା’ଙ୍କୁ ପୂଜା କରାଯାଇ ସପ୍ତମ ଦିନ ବିସର୍ଜନ କରାଯିବ ବୋଲି ଏହି କମିଟିର ବରିଷ୍ଠ ସଦସ୍ୟ ସୁରେଶ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି । କୋଭିଡ କଟକଣା ମଧରେ ମେଳା, ମୀନାବଜାର ମଧ୍ୟ ଏଠାରେ ଅନୁଷ୍ଠିତ ହେଉନାହିଁ । ଚଳିତ ବର୍ଷ ଏହା ୫୪ ବର୍ଷରେ ପଦାର୍ପଣ କରିଥିବା କଥା ଶ୍ରୀ ରାଉତ ସୂଚନା ଦେଇଛନ୍ତି । ଏହି ଦୁଇ କମିଟିରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଳ୍ପୀ ମାଗୁଣୀ ଚରଣ କୁଅଁର ମା’ କାଳୀଙ୍କର ପ୍ରତିମା ନିର୍ମାଣ କରିଛନ୍ତି । କାଶୀପୁରଠାରେ ଅନୁଷ୍ଠିତ ହେଉଥିବା କାଳୀପୂଜା ମଧ୍ୟ ବିନା ଆଡମ୍ବରରେ ଆରମ୍ଭ ହୋଇଛି । ଏଠାରେ ମଧ୍ୟ କରୋନା ପାଇଁ ବାହ୍ୟ ଆଡମ୍ବରକୁ ଛାଡି ବିଧି ମୁତାବକ ସମସ୍ତ ପୂଜା କାର୍ଯ୍ୟ କରାଯାଉଛି । କେନ୍ଦୁଝର ସହରର ମାଇନିଂ ରୋଡ ରାଣୀ ଉଆସ କାଳୀପୂଜା କମିଟି ପକ୍ଷରୁ ମା’ କାଳୀଙ୍କ ପୂଜା ତୃତୀୟ ବର୍ଷରେ ପଦାର୍ପଣ କରିଛି ବୋଲି ସମ୍ପାଦକ ଅଜୟ କୁମାର ବେହେରା ସୂଚନା ଦେଇଛନ୍ତି । କେନ୍ଦୁଝରରେ କାଳୀପୂଜା ସାଧାରଣ ଲୋକଙ୍କ ପାଇଁ ଏକ ମହୋତ୍ସବ ହୋଇପଡିଥିବାବେଳେ ଗତ ଦୁଇ ବର୍ଷ ଧରି କରୋନା ଏହାକୁ ଫିକା କରିଦେଇଛି । କୋଭିଡ ନିୟମ ପାଳନ ପାଇଁ କମିଟିମାନେ ପ୍ରଶାସନର ଗାଇଡଲାଇନକୁ ପାଳନ କରୁଥିବା ସହ ଏହାକୁ ଚଳିତ ବର୍ଷ କେବଳ ପୂଜା ମଧ୍ୟରେ ସୀମିତ ରଖାଯାଇଛି । ରାଜ୍ୟ ସରକାରଙ୍କ କୋଭିଡ-୧୯ ନିୟମ ଅନୁଯାୟୀ ସର୍ବସାଧାରଣ ଦର୍ଶନ,ଭୋଗ ଲାଗିବା,ଦୀପ ପ୍ରଜ୍ୱଳନ ଓ ଫୁଲ ଆଦି ମଣ୍ଡପକୁ ନେବା ସମ୍ପୂର୍ଣ୍ଣ ବାରଣ କରାଯାଇଛି ବୋଲି ମାଇନିଂ ରୋଡ ରାଣୀ ଉଆସ କାଳୀପୂଜା କମିଟି ର ଉପଦେଷ୍ଟା ସତ୍ୟଜିତ୍ ମିଶ୍ର ସୂଚନା ଦେଇଛନ୍ତି ।

ବିଜେଡି ଶାସନରେ, ମହିଳା ବିପଦରେ: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱରର ମହିଳା ସାସଂଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀଙ୍କୁ ପ୍ରତିହିଂସା ପରାୟଣ ଶାସକ ବିଜେଡି ଦଳ ଦ୍ୱାରା ସଂଘବଦ୍ଧ ଭାବେ ଅଘୋଷିତ ଅତର୍କିତ ଆକ୍ରମଣ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଲଜ୍ଜାଜନକ । ବିଜେଡି ଶାସନରେ, ମହିଳା ବିପଦରେ । ଏହି କଥା ଗତ କାଲି ମହିଳା ସାଂସଦଙ୍କୁ ଆକ୍ରମଣ ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କ୍ଷୋଭ ପ୍ରକାଶ କରି କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଗଣତନ୍ତ୍ରରେ ପ୍ରତିବାଦ କରିବାର ଅଧିକାର ସମସ୍ତଙ୍କର ଅଛି । ଗଣତନ୍ତ୍ରରେ ଅଲୋଚନା ଓ ସମାଲୋଚନା ପ୍ରମୁଖ ସ୍ଥାନ ରହିଛି । ବିରୋଧୀଙ୍କ ପ୍ରତି ରାଜ୍ୟ ସରକାରୀ ଦଳ ଏତେ ଅସହିଷ୍ଣୁ କାହିଁକି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଗତ ୪୮ ଦିନ ଧରି ବହୁଚର୍ଚ୍ଚିତ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସଂପୃକ୍ତିକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ଜାରୀ ରହିଛି । ଘୋଷିତ ପ୍ରତିବାଦ କରାଯାଉଛି । ସମଗ୍ର ଓଡିଶାବାସୀ ଏହାକୁ ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କଲେ । ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରି ସ୍ମାର୍ଟ କାର୍ଡ ବଂଟନ ଆଳରେ ରାଜ୍ୟର ବିଭିନ୍ନ ଜିଲ୍ଲା ଗସ୍ତ କରୁଥିବା ମୁଖ୍ୟମନ୍ତ୍ରୀ ଏଭଳି ସ୍ପର୍ଶକତାର ପ୍ରସଙ୍ଗରେ କୌଣସି ଉତର ରାଜ୍ୟବାସୀଙ୍କୁ ଦେଲେ ନାହିଁ । ମୁଖ୍ୟ ଷଡଯନ୍ତ୍ରକାରୀ ମନ୍ତ୍ରୀ ଦିବ୍ୟଶଂକରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବା ପରିବର୍ତେ ଗୋଟିଏ ମଂଚରେ ବସି ରହି ଅପରାଧିମାନଙ୍କୁ ସୁରକ୍ଷା ପ୍ରଦାନ କଲେ । ରାଜ୍ୟ ସରକାର ଯେତେଦିନ ପର୍ଯ୍ୟନ୍ତ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର କରାଯାଇନାହିଁ, ସେ ପର୍ଯ୍ୟନ୍ତ ବିରୋଧ ଜାରି ରହିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । କିନ୍ତୁ ଗତକାଲି ବିଳମ୍ବିତ ରାତିରେ ଅଘୋଷିତ ଭାବେ ଶାସକ ବିଜେଡି ଦଳ ପ୍ରତିହିଂସା ପରାୟଣ ହୋଇ ମହିଳା ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଆକ୍ରମଣ କରାଯିବା ଅତ୍ୟନ୍ତ ନିନ୍ଦନୀୟ ଓ ରାଜ୍ୟରେ ଗଣତନ୍ତ୍ର ବିପଦରେ ଥିବା ସ୍ପଷ୍ଟ ବାରି ହୋଇପଡିଛି । ସେହି ଭଳି ଭାବେ କିଛି ଦିନ ତଳେ ଏକ ବୈଦ୍ୟୁତିକ ଗଣମାଧ୍ୟମର ବିତର୍କରେ ଅଂଶଗ୍ରହଣ କରୁଥିବା ବିଜେପି ମହିଳା ମୁଖପାତ୍ରଙ୍କ ପ୍ରତି ଶାସକ ବିଜେଡିର ପ୍ରବକ୍ତାଙ୍କ ଦ୍ୱାରା ଆଶାଳୀନ ବକ୍ତବ୍ୟ ଓ ବ୍ୟବହାର ସମସ୍ତ ସୀମା ପାରି କରଛି । ବିରୋଧୀଙ୍କୁ ଶାସକ ବିଜେଡିର ଦମନର ପ୍ରୟାସ ଗଣତନ୍ତ୍ର ପ୍ରତି ବିପଦ । ଶାସକ ବିଜେଡି ସାଧାରଣ ଜନତା ଏବଂ ବିରୋଧୀଙ୍କ ପ୍ରଶ୍ନର ଉତର ରଖନ୍ତୁ ଏବଂ ଏଭଳି ଅସାମ୍ବିଧାନିକ ହିଂସାତ୍ମକ କାର୍ଯ୍ୟକଳାପରୁ ନିବୃତ ରହିବାକୁ ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର, ରାଜେନ୍ଦ୍ର ପଣ୍ଡା, ଗଣମାଧ୍ୟମ ବିଭାଗ ମୁଖ୍ୟ ଦିଲୀପ ମଲ୍ଲିକ, ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

ଅପହରଣର ୧୦ ମାସ ପରେ ନାବାଳିକା ଉଦ୍ଧାର

କେନ୍ଦୁଝର,(ପି.ଏନ):କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଶିରିଶପାଳ ଗ୍ରାମରୁ ଜଣେ ନାବାଳିକା ଅପହରଣ ହେବାର ୧୦ ମାସ ପରେ ଟାଉନ ପୋଲିସ ନାବାଳିକାକୁ ଉଦ୍ଧାର କରିଛି । ଟାଉନ ପୋଲିସ ର ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ମୋବାଇଲ ଫୋନ୍ ଟ୍ରାକିଂ କରି ଭୁବନେଶ୍ୱର ଅଞ୍ଚଳରୁ ଠାବ କରି ଉଦ୍ଧାର କରିଛି । ଅପହରଣକାରୀ ଯୁବକ କୌଶଳକ୍ରମେ ସେଠାରୁ ଖସି ଯିବାକୁ ସକ୍ଷମ ହୋଇଛି । ନାବାଳିକାଙ୍କ ପରିବାର ପକ୍ଷରୁ ଅପହରଣ ନେଇ ଗତ ଜାନୁଆରୀ ୨୪ ରେ ଟାଉନ ଥାନାରେ ଏତଲା ଦେବା ପରେ ୩୮/୨୧ ରେ ଏକ ମାମଲା ରୁଜୁ ହୋଇଥିଲା । ଉଦ୍ଧାର ନାବାଳିକାକୁ ଡାକ୍ତରୀମାଇନା ପରେ ସ୍ୱଧାର ଘରେ ରଖାଯାଇଛି । ତେବେ ଅପହରଣକାରୀ ଯୁବକ ଏବଂ ତାଙ୍କୁ ସହାୟତା କରିଥିବା ଲୋକମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଟାଉନ ପୋଲିସ କହିଛି । ଏପରିକି ଭୁବନେଶ୍ୱରରେ ଅପହରଣକାରୀ ଯୁବକକୁ ସହାୟତା କରିଥିବା ଲୋକଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଜଣାପଡିଛି ।

ପୂର୍ବତନ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ଭାତୃ ବିୟୋଗ

ଯୋଡା,(ପି.ଏନ):ଚମ୍ପୁଆର ପୂର୍ବତନ ବିଧାୟକ ସନାତନ ମହାକୁଡଙ୍କର ବଡଭାଇ ଦୁଃଖବନ୍ଧୁ ମହାକୁଡଙ୍କର ଶନିବାର ଭୋର ସମୟରେ ୮୧ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମପ୍ରାଣ, ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ । ତାଙ୍କର ଏହି ବିୟୋଗରେ ନମ୍ପିରା ଗ୍ରାମରେ ଶୋକର ଛାୟା ଖେଳି ଯାଇଛି । ସେ କିଛିମାସ ହେବ ବ୍ରେନ୍ ଟ୍ୟୁମର ରୋଗରେ ଆକ୍ରାନ୍ତ ହୋଇ ଅଗଷ୍ଟ ମାସ ୧୮ତାରିଖ ଠାରୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ତାଙ୍କର ମସ୍ତିଷ୍କ ଅସ୍ତ୍ରୋପଚାର ହୋଇଥିବା ବେଳେ ପୁନର୍ବାର ଏକ ମାଂସ ପିଣ୍ଡୁଳା ବଢୁଥିବା ଦେଖା ଦେଇଥିଲା । ଫଳରେ ସେ କଟକର ଜଣେ ବିଶେଷଜ୍ଞଙ୍କ ନିକଟରେ ଚିକିତ୍ସିତ ହେଉଥିଲେ । ଚିକିତ୍ସିତ ଅବସ୍ଥାରେ ଶନିବାର ଭୋର ୩ଟା ସମୟରେ ତାଙ୍କର ପ୍ରାଣବାୟୁ ଚାଲି ଯାଇଥିଲା । ତାଙ୍କର ମରଶରୀରକୁ ତାଙ୍କ ଗ୍ରାମକୁ ଅଣାଯାଇଥିଲା । ସେଠାରେ ତାଙ୍କର ଶେଷ ଦର୍ଶନ ପାଇଁ ଶହ ଶହ ସଂଖ୍ୟାରେ ଗ୍ରାମବାସୀ, ଶୁଭେଚ୍ଛୁ, ବନ୍ଧୁ, ପରିଜନ, ରାଜନେତା ପ୍ରମୁଖ ପହଂଚି ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ସହ ବହୁ ରାଜନେତା, କର୍ମୀ ସେଠାରେ ପହଂଚି ତାଙ୍କ ଶ୍ରଦ୍ଧାଳୀ ଦେଇଥିବା ବେଳେ ସମଗ୍ର ନମ୍ପିରା ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଶେଷରେ ପୂଣ୍ୟତୋୟା ବୈତରଣୀ ନଦୀକୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡିଛି ।

ପଞ୍ଚାୟତବାସୀଙ୍କୁ ଭତ୍ତା ଓ ପରିଚୟପତ୍ର ବଣ୍ଟନ

ଘଷିପୁରା,(ପି.ଏନ):ଘଷିପୁରା ବ୍ଲକ ସଭାଗୃହ ଠାରେ ଘଷିପୁରା ବ୍ଲକ ଅନ୍ତର୍ଗତ ୨୩ଗୋଟି ପଂଚାୟତର ୧୨୩ଜଣ ବୃଦ୍ଧ, ବୃଦ୍ଧା, ବିଧବା ମହିଳା ଓ ଦିବ୍ୟାଙ୍ଗଙ୍କୁ ବାର୍ଦ୍ଧକ୍ୟ ଭତ୍ତାପତ୍ର ବଣ୍ଟନ କରାଯାଇଛି । ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ପ୍ରାକ୍ତନ ଗଣଶିକ୍ଷା ମନ୍ତ୍ରୀ ବଦ୍ରୀନାୟାରଣ ପାତ୍ର ଯୋଗଦେଇ ଘଷିପୁରା ବ୍ଲକ ଅନ୍ତର୍ଗତ ୨୩ଗୋଟି ପଂଚାୟତରୁ ଆସିଥିବା ୧୨୩ଜଣ ହିତାଧିକାରୀଙ୍କୁ ଭତ୍ତା ପରିଚୟପତ୍ର ସହ ଦୁଇ ମାସର ଭତ୍ତା ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଘଷିପୁରା ବ୍ଲକ ତରଫରୁ ପି.ଏ.ବାଣୀ ରନ ବେହେରା, ମନରେଗା ସହକାରୀ ସୁରେଶ କୁମାର ସାହୁ, ଓଏଲଏମ ସୌଭାଗିନୀ ଦାଶ, ବିଏଏଫଟି ଭାଗିରଥି ନାୟକ, ଦେବାଶି, ସାହୁ, ବିଏସ୍ଏସ୍ଓ ସବିତା ପଣ୍ଡିତ ପ୍ରମୁଖ ଯୋଗ ଦେଇଥିବା ବେଳେ ଅଳତୀ ପଂଚାୟତର ପୂର୍ବତନ ସରପଂଚ ପ୍ରଭାତ କୁମାର ବରାଳ,ସାଇକୁଳ ସରପଂଚ ବିଭାସ ଚନ୍ଦ୍ର ନାୟକ, ପୁରୁଣାବାନ୍ଧଗୋଡା ସରପଂଚ ପ୍ରଦୀପ କୁମାର ଧୀର, ରାମଚନ୍ଦ୍ରପୁର ପଂଚାୟତ ପୂର୍ବତନ ସରପଂଚ ମଦନ ମୋହନ ସାହୁ, ତରୁଆଁ ପଂଚାୟତ ସରପଂଚ ବଳରାମ ବେହେରା, ଗଡବାନ୍ଧଗୋଡା ପୂର୍ବତନ ସରପଂଚ ସୁଶାନ୍ତ ନାୟକ, ଚନ୍ଦ୍ରଭାନୁ ନାୟକ ରମେଶ କୁମାର ମହାରଣା, ରଶ୍ମିରନ ମହାରଣା, ଲାଲମୋହନ ନାୟକ, ତାରାକାନ୍ତ ବେହେରା, ଅଶୋକ କୁମାର ମହାନ୍ତ, ହୃଷିକେଶ ସାହୁ, ପଙ୍କଜ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ପକ୍ଷରୁ ସମ୍ବିଧାନ ବଂଚାଓ ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ପକ୍ଷରୁ ସମ୍ବିଧାନ ବଂଚାଓ ଦିବସ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ବିଭାଗର ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ ଯେ ସମ୍ବିଧାନର ସୁରକ୍ଷା ନ ହେଲେ ଦେଶ ସୁରକ୍ଷିତ ହୋଇପାରିବ ନାହିଁ । ବର୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ବିଧାନରେ ଥିବା ନିତି, ନିୟମ ଓ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛନ୍ତି । ପ୍ରତ୍ୟେକ ନାଗରିକ ପାଇଁ ସାମ୍ବିଧାନିକ ବ୍ୟବସ୍ଥା ରହିଥିଲେ ମଧ୍ୟ ଆଜି ତାହା ଦିନକୁ ଦିନ ଅବକ୍ଷୟ ହେବାରେ ଲାଗିଛି । ଆମେ ପ୍ରତ୍ୟେକ ନାଗରିକ ଏ ଦିଗରେ ସଚେତନ ରହି କାର୍ଯ୍ୟକରିବା ଦରକାର । ସମ୍ବିଧାନ ପ୍ରତି ସମ୍ମାନ ଜଣାଇ ଓ ଏହାର ସୁରକ୍ଷା ପାଇଁ ଆଜି ନେତୃବୃନ୍ଦ ଓ କର୍ମୀମାନେ ବୈଠକରେ ଶପଥ ନେଇଥିଲେ । ଉଦ୍‌ବୋଧନ ଦେଇ ସେବାଦଳ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପୂର୍ବତନ ବିଧାୟକ ବିପିନ ଦାସ, ଉପସଭାପତି ଶିବାନନ୍ଦ ରାୟ, ସସ୍ମିତା ବେହେରା, ରତ୍ନମଣି ଉଲ୍ଲାକା ଓ ପଦ୍ମାକର ଗୁରୁ ପ୍ରମୁଖ ଅନୁସୂଚୀତ ଜାତିର ଉନ୍ନତି ତଥା ସୁରକ୍ଷା ନିମନ୍ତେ ଉପାଦେୟ ପରାମର୍ଶମାନ ଦେଇଥିଲେ । ଏହି ଅବସରରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ କଂଗ୍ରେସ ନେତ୍ରୀ ଶ୍ରୀମତୀ ସସ୍ମିତା ବେହେରା, ରତ୍ନମଣି ଉଲ୍ଲାକା, ଜାନକୀ ମଲ୍ଲିକ ଓ ଦିନବନ୍ଧୁ ଅଧିକାରୀଙ୍କୁ ଏବଂ ଅନୁସୂଚିତ ଜାତି ବିଭାଗର ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ଜୟନ୍ତ ଭୋଇ, ନରୋତମ ନାୟକ, ତାପସ ସେଠୀ, ଶିବଶଙ୍କର ବେହେରା, ପ୍ରଫୁଲ୍ଲ ଦିଗଲ ଓ ଦେବେନ୍ଦ୍ର ପ୍ରସାଦ ଦାସଙ୍କୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ମାନପତ୍ର ଓ ଉତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ ।

ରାଜ୍ୟ ପୋଲିସ୍ ମୁଖ୍ୟାଳୟରେ ସମ୍ବିଧାନ ଦିବସ ପାଳିତ

କଟକ,(ପି.ଏନ): ଜାତୀୟ ସମ୍ବିଧାନ ଦିବସ ପାଳନ ଅବସରରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ରାଜ୍ୟ ପୋଲିସ୍ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତହୋଇଯାଇଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ମୁଖ୍ୟ ଅତିଥି ଭାବେଯୋଗ ଦେଇ ଉପସ୍ଥିତ ଅଧିକାରୀ/କର୍ମଚାରୀଙ୍କୁ ସମ୍ବିଧାନ ଦିବସର ଶପଥପାଠ କରାଇଥିଲେ । ଭାରତର ପ୍ରଭୂତା, ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା, ଦେଶରରକ୍ଷା, ରାଷ୍ଟ୍ରରସେବା, ଧର୍ମଗତ, ଭାଷାଗତ ଓ ଆଂଚଳିକ ଭେଦଭାବରୁ ଉର୍ଦ୍ଧ୍ୱରେ ରହି ଭାରତବାସୀଙ୍କ ମଧ୍ୟରେଏକତା ଓ ଭାତୃଭାବର ବିକାଶ ଘଟାଇବା, ସ୍ତ୍ରୀଲୋକଙ୍କ ସମ୍ମାନ ରକ୍ଷା କରିବା, ଭାରତ ସଂଯୁକ୍ତ ସଂସ୍କୃତିର ଗୌରବଶାଳୀ ପରମ୍ପରାର ପରିରକ୍ଷଣ କରିବା, ବୈଜ୍ଞାନିକ ଦୃଷ୍ଟିକୋଣ, ମାନବଭାବ ତଥା ସଂସ୍କାର ଭାବନାର ବିକାଶ କରିବା, ଦେଶର ସାର୍ବଜନୀନ ସମ୍ପତିରସୁରକ୍ଷା, ହିଂସା ତ୍ୟାଗ, ୬ରୁ ୧୪ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ପାଠ ପଢିବାରସୁଯୋଗ ଦେବା, ସମ୍ବିଧାନ, ରାଷ୍ଟ୍ରୀୟ ପତାକା ଓ ରାଷ୍ଟ୍ରୀୟସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବାକୁ ଡିଜି ଶ୍ରୀ ଅଭୟ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଡିଜି(ଆଇନ୍ ଓ ଶୃଙ୍ଖଳା) ଆର୍.କେ. ଶର୍ମା, ଆଇଜି (ହେଡ୍‌କ୍ୱାର୍ଟର) ଏସ୍.ଦେବଦତ ସିଂ, ଆଇଜି(ପ୍ରୋଭିଜନିଂ) ଯତୀନ୍ଦ୍ର କୋୟଲ, ଆଇଜି (ପର୍ସୋନେଲ) ପ୍ରବୀଣ କୁମାର, ଆଇଜି(କ୍ରାଇମବ୍ରାଂଚ)ଅମିତେନ୍ଦ୍ର ନାଥ ସିହ୍ନା,ଏଆଇଜି(ପ୍ରୋଭିଜନିଂ) ଅଶୋକ ମହାନ୍ତିଙ୍କ ସମେତ ପୋଲିସ୍ ମୁଖ୍ୟାଳୟର ସମସ୍ତ ପ୍ରଶାସନିକ ଅଧିକାରୀ, ସଂସ୍ଥା ଅଧିକାରୀ, ଉପବିଭାଗ ଅଧିକାରୀ, ସହକାରୀ ଉପବିଭାଗ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶପଥ ପାଠକରିଥିଲେ । ସହକାରୀ ଦୁର୍ଗପତି ପଙ୍କଜ କୁମାର ନାୟକ ଓ ସୁବେଦାର ଅଶୋକ କୁମାର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

MAHARISHI PUBLIC SCHOOL

2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାପ୍ତାହିକ ସମ୍ବାଦପତ୍ର

ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Sunday November 28, 2021 ଭୁବନେଶ୍ୱର ରବିବାର, ନଭେମ୍ବର ୨୮,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

ଚାଷୀହନ୍ତା ରାଜ୍ୟ ସରକାର ବିରୁଦ୍ଧରେ ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ

ଭୁବନେଶ୍ୱର, (ପି.ଏନ): ଓଡ଼ିଶାର ନବୀନ ସରକାର କେବଳ ଚାଷୀ ବିରୋଧୀ ନୁହନ୍ତି, ଚାଷୀ ହନ୍ତା ମଧ୍ୟ। ଚଳିତ ବର୍ଷରେ ବର୍ତ୍ତମାନ ପର୍ଯ୍ୟନ୍ତ ୭ଜଣ ଚାଷୀ ଆତ୍ମହତ୍ୟା କରିସାରିଲେଣି। ଗତ ନଭେମ୍ବର ୧୬ ତାରିଖରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱରର ଶାଳୀକୋଠା ଗ୍ରାମର ଚାଷୀ ଲକ୍ଷ୍ମୀ ନାରାୟଣ ଜେନା ବିଲରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଚକଡ଼ା ପୋକ ତାଙ୍କ ୪ ଏକର ଧାନ କ୍ଷେତକୁ ନଷ୍ଟ କରି ଦେଇଥିଲା। ଏହି ଚାଷ ପାଇଁ ସେ ୨ ଲକ୍ଷ ଟଙ୍କା ଶତକଡ଼ା ମାସିକ ୪% ହାରରେ ଗାଁ ମହାଜନଠୁ ସୁଧରେ ଆଣିଥିଲେ। ଚାଷ ନଷ୍ଟ ହେବା ନେଇ ଏବଂ ଋଣ ସୁଝି ନ ପାରିବାର ଭୟ ତାଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥିଲା। ଠିକ୍ ଅନୁରୂପ ଭାବରେ ଚଳିତ ମାସ ୨୦ ତାରିଖରେ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର ତୃଣବେଡ଼ା ଗାଁର ବିଭୂତି ଭୂଷଣ ସରକାର ମଧ୍ୟ ନିଜର ୨ ଏକର ପରିମିତ କୋବିଚାଷର ଫସଲ ଅଜଣା ପୋକ ଦ୍ୱାରା କ୍ଷତି ଗ୍ରସ୍ତ ହେବା ଏବଂ ୨ ଲକ୍ଷ ଟଙ୍କାର ଋଣବୋଝ ଦ୍ୱାରା ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। ରାଜ୍ୟ ସରକାରଙ୍କ ଉଦାସୀନତା ଓ ଅପରିଣାମଦର୍ଶୀ କୃଷିନୀତି ଯୋଗୁଁ ଚାଷୀମାନେ ଆତ୍ମହତ୍ୟା କରି ଚାଲିଛନ୍ତି ଏବଂ ସେଥିପାଇଁ ରାଜ୍ୟର ନବୀନ ସରକାର ଚାଷୀ ହତ୍ୟାକାରୀ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସର ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ କଡ଼ା ସମାଲୋଚନା କରିଛନ୍ତି। ଏହି ଆତ୍ମହତ୍ୟା କରିଥିବା ସମସ୍ତ ଚାଷୀ ପରିବାରକୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ସେ ଦାବୀ କରିଛନ୍ତି। ବିଧାନସଭାରେ ସର୍ବଦଳୀୟ ପ୍ରସ୍ତାବ ପାରିତ କରି ରାଜ୍ୟ ସରକାର ଧାନ କ୍ୱିଣ୍ଟାଲ ପ୍ରତି ସର୍ବନିମ୍ନ ମୂଲ୍ୟ ୨୯୩୦ ଟଙ୍କା ଧାର୍ଯ୍ୟ କରି କେନ୍ଦ୍ରକୁ ପତ୍ର ପଠାଇଥିଲେ। ରାଜ୍ୟ ସରକାର କେନ୍ଦ୍ରକୁ ଏହି ପତ୍ରଟି ପଠାଇ ଦେଇ ଚୁପ୍ ହୋଇ ବସିବା ଏକ ହାସ୍ୟାସ୍ପଦ। ଯଦି ଚାଷୀମାନଙ୍କ ପ୍ରତି ପ୍ରକୃତ ସମ୍ବେଦନଶୀଳତା ଥାଏ, ପଡ଼ୋଶୀ ଛତିଶଗଡ଼ ରାଜ୍ୟ ସରକାରଙ୍କ ଭଳି ଧାନ କିଣାରେ ପ୍ରତି କ୍ୱିଣ୍ଟାଲରେ ଅତିରିକ୍ତ ସହାୟତା ଦେଇ ଓଡ଼ିଶା ସରକାର ଚାଷୀମାନଙ୍କଠୁ ୨୯୩୦ ଟଙ୍କାରେ ନିଜେ ଧାନ କିଣି ଉଦାହରଣ ସୃଷ୍ଟି କରନ୍ତୁ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କିଷାନ କଂଗ୍ରେସର ଅଧ୍ୟକ୍ଷ ଶ୍ରୀ ଅମିୟ କୁମାର ପଟ୍ଟନାୟକ ଦାବୀ କରିଛନ୍ତି। ଏହା ସହିତ ରାଜ୍ୟର ସମସ୍ତ ଚାଷୀଙ୍କଠାରୁ ସବୁ ଖରିଫ୍ ଧାନ କିଣିବା ପାଇଁ ନିର୍ଦ୍ଧାରିତ ସମୟରେ ବ୍ୟବସ୍ଥିତ ଢଙ୍ଗରେ ତୁରନ୍ତ ମଣ୍ଡି ଖୋଲିବା, ପୂର୍ବ ବର୍ଷ ଭଳି କୌଣସି ଏକ ଚାଷୀଙ୍କ ଟୋକନ ଲାସ୍ନ ନ କରିବା, କଟଣୀ ଛଟଣୀ ବନ୍ଦ କରିବା, ପରିବହନ ଖର୍ଚ୍ଚ ଓ ଅଖାର ଦାମ୍ ଚାଷୀଙ୍କୁ ଦେବା ପାଇଁ ସେ ଦାବୀ କରିଛନ୍ତି। ଆଜି ପର୍ଯ୍ୟନ୍ତ ରାଜ୍ୟର ଲକ୍ଷ ଲକ୍ଷ ଭାଗଚାଷୀମାନଙ୍କର ସୁରକ୍ଷା ପାଇଁ ଆଇନ ସରକାର ଆଣିଲେ ନାହିଁ। ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ସଂକ୍ରାନ୍ତରେ ବିହିତ ପଦକ୍ଷେପ ନ ନେବା ଭାଗଚାଷୀମାନଙ୍କ ପ୍ରତି କ୍ରୁର ପରିହାସ। କାଳିଆ, ବଳିଆର ପ୍ରହେଳିକାରୁ କ୍ଷାନ୍ତ ରହି ଚାଷୀ କୂଳର ପ୍ରକୃତ ସମସ୍ୟାପ୍ରତି ସରକାର ଧ୍ୟାନ ନ ଦେବା ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କହିଛନ୍ତି। ଏମ.ଏସ୍.ପିର ଆଇନଗତ ବ୍ୟବସ୍ଥା, ପ୍ରଚଳିତ ଏମ.ଏସ୍.ପିର ବୃଦ୍ଧି, ଚକଡ଼ା ପୋକ ଓ ଅଦିନିଆ ବର୍ଷାଦ୍ୱାରା ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୨୦ ହଜାର ଟଙ୍କା ଆର୍ଥିକ ସହାୟତା, ସମସ୍ତ ଚାଷୀଙ୍କଠାରୁ କୃଷି ଋଣ ଛାଡ଼, ଭାଗଚାଷୀ ସୁରକ୍ଷାର ଆଇନ ପ୍ରଣୟନ, ଅଣଧାନ ଚାଷର ଅଭିବୃଦ୍ଧି, ସମସ୍ତ ଚାଷୀଙ୍କୁ ଚାଷୀ ପରିଚୟ ପତ୍ର ପ୍ରଦାନ, ଆଳୁ ପିଆଜ ଓ ଅନ୍ୟ ପନିପରିବା ଓ ଫୁଲ ଚାଷର ବ୍ୟାପକତା ପାଇଁ ତୁରିତ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେମାନେ ଦାବୀ କରିଛନ୍ତି।ଚାଷୀମାନଙ୍କର ଉପରୋକ୍ତ ସମସ୍ୟାଗୁଡ଼ିକୁ ନେଇ ଆଗାମୀ ଦିନରେ ଶକ୍ତିଶାଳୀ ଚାଷୀ ଆନ୍ଦୋଳନ କଂଗ୍ରେସ ଆୟୋଜନ କରିବ ବୋଲି କଂଗ୍ରେସ ପ୍ରବକ୍ତା ଶ୍ରୀ ଦାସ କହିଥିବା ବେଳେ ଏଥିପାଇଁ ଆସନ୍ତା ଡିସେମ୍ବର ୧ ତାରିଖରେ ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯିବ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାନଙ୍କ ପ୍ରତି ଅଣଦେଖାକୁ ପ୍ରତିବାଦ କରାଯିବା ପାଇଁ ଏହି ବୈଠକରେ ଆନ୍ଦୋଳନର ରୂପରେଖ ଚୁଡ଼ାନ୍ତ ହେବ ବୋଲି ପ୍ରଦେଶ କିଷାନ କଂଗ୍ରେସର ଅଧ୍ୟକ୍ଷ ଶ୍ରୀ ଅମୀୟ କୁମାର ପଟ୍ଟନାୟକ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି।

ଅନ୍ତମହାବିଦ୍ୟାଳୟ ସ୍ତରୀୟ ମହିଳା ଫୁଟବଲ ପ୍ରତିଯୋଗିତା

ବାରିପଦା, (ପି.ଏନ):ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ମହାବିଦ୍ୟାଳୟମାନଙ୍କୁ ନେଇ ମହିଳା ଅନ୍ତମହାବିଦ୍ୟାଳୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ଓ ବାରିପଦାର ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଫାଇନାଲ ମ୍ୟାଚରେ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ଖୁଣ୍ଟା ମହାବିଦ୍ୟାଳୟଠାରୁ ୧/୦ ଗୋଲରେ ହାରିଯାଇଥିଲା। ତେଣୁ ଖୁଣ୍ଟା ମହାବିଦ୍ୟାଳୟ ଚମ୍ପିୟାନ ହୋଇଥିବା ବେଳେ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟକୁ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡିଥିଲା । ଉଭୟ ଦଳକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କିଶୋର କୁମାର ବସା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳ ସଚିବ ସହଦେବ ସମାଧିଆ ଓ ବିତ୍ତ ନିୟନ୍ତ୍ରକ ସୁକୁଦେବ ତରାଇ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ଏବଂ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ ତ୍ରିପାଠୀ ଓ ବିଶ୍ୱବିଦ୍ୟାଳୟ କ୍ରୀଡା ଶିକ୍ଷକ ପ୍ରଦୀପ୍ତ ରଂଜନ ଦାସ, ନଳିନୀ ରଂଜନ ଦାସ, ଉଜିତ ଦାସ ଓ ଅନ୍ୟମାନେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।ଅନ୍ତମହାବିଦ୍ୟାଳୟସ୍ତରୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଛାତ୍ରୀମାନେ ରନର୍ସ ଅପ୍ ଜିତି ଥିବାରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ଉପାଧ୍ୟକ୍ଷା ସଂଘମିତ୍ରା ରାଉତ, ଅଧ୍ୟାପକ ମଦନ ମୋହନ ସାହୁ, ସାଗରୀକା ପଣ୍ଡା, ତୃପ୍ତି ଦାସ, ସବିତାରାଣୀ ଦାସ, ବାଘେ ସରେନ ଖେଳାଳି ମାନଙ୍କୁ ସ୍ୱାଗତ କରିଥିଲେ । ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଛାତ୍ରୀ ସସ୍ମିତା ହାଁସଦା (କ୍ୟାପଟେନ) ଚନ୍ଦ୍ରିକା ମାରାଣ୍ଡି, ରଶ୍ମିତା ମହାନ୍ତ, ଏଲିନା ନାୟକ, ସୁମିତ୍ରା ମୁର୍ମୁ, ରେଖା ସିଂ, କୁନି ନାଏକ, ସୁଭସ୍ମିତା ଦଳ ବେହେରା, ସୁନୀତା ସରେନ, ଚିତ୍ର ମାରାଣ୍ଡି, ଦେଉଳା ହେମ୍ବ୍ରମ, ପ୍ରତୀମା ମହାନ୍ତ, ମମତା ହାଁସଦା ଓ ବାସନ୍ତୀ ମୁର୍ମୁ ଖେଳରେ ଅଂଶ ଗ୍ରହଣ କରିଥିଲେ । ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଥମ ଥର ପାଇଁ ମହିଳା ଫୁଟବଲ ଅନ୍ତମହାବିଦ୍ୟାଳୟସ୍ତରୀୟ କ୍ରୀଡା ଆୟୋଜନ କରାଯାଇଛି ।

ବିଶିଷ୍ଟ କମ୍ୟୁନିଷ୍ଟ ନେତା ସୁବଳ ଚରଣ ନାୟକଙ୍କ ସ୍ମୃତି ଚାରଣ ସଭା

ଚଣ୍ଡିଖୋଲ,(ପି.ଏନ):ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆ ସୁଙ୍ଗୁଡ଼ା ଗ୍ରାମର ବିଶିଷ୍ଟ କମ୍ୟୁନିଷ୍ଟ ନେତା ସୁବଳ ଚରଣ ନାୟକଙ୍କ ଏକାଦଶାହ ଅବସରରେ ଏକ ସ୍ମୃତି ଚାରଣ ସଭା ଅମିୟ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ମୃତି ଚାରଣ ସଭାରେ କୁମ୍ୟୁନିଷ୍ଟ ପାର୍ଟିର ଜିଲା ସହ ସଂପାଦକ ଓ ଜୋନାଲ୍ କମିଟି ସଂପାଦକ ଅଜୟ କୁମାର ବିଶ୍ୱାଳ, ଇଶ୍ୱର ଚନ୍ଦ୍ର ପରିଡ଼ା, ଭଗବାନ୍ ପଣ୍ଡା, ଭାସ୍କର ନାରାୟଣ ସେଠୀ, ଲୋକନାଥ ଜେନା, ନାରାୟଣ ଚନ୍ଦ୍ର ମାହାଲା, ଆଇନଜୀବୀ ଦେବରାଜ ବେହେରା, ଦିଗମ୍ବର ଜେନା, ବିଜୟ କୁମାର ବିଶ୍ୱାଳ, ମାନ ଗୋବିନ୍ଦ ଦାସ, ରଂଜନ କୁମାର ଜେନା, ଦୁଷ୍ମନ୍ତ ସ୍ୱାଇଁ, କୁଳମଣି ନାୟକ, ଅଭିମନ୍ୟୁ ଧଳ, ରବିନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସମାଜବାଦ, ସାମ୍ୟବାଦ ଉପରେ ଅଗାଧ ଜ୍ଞାନ ଥିଲା। ସେ ଗ୍ରାମ୍ୟର ଦୁଇ ଥର ୱାର୍ଡ଼ ସଭ୍ୟଭାବେ ନିର୍ବାଚିତ ହେବା ସହିତ ଭାଗ ଚାଷୀ, ଭୂମିହୀନମାନଙ୍କୁ ଜମିପଟ୍ଟା ଦେବା ପାଇଁ ଦର୍ପଣ ତହସିଲ ସମ୍ମୁଖରେ ୧୨ ଦିନ ଧରି ଧାରଣା ଓ ଅନଶନ କରି ଭୂମିହୀନ ଓ ଭାଗଚାଷୀମାନଙ୍କୁ ପଟ୍ଟା ପ୍ରଦାନ କରିଥିଲେ।

ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟନ,ମଂଚେଶ୍ୱର କ୍ଲବକୁ ହରାଇ ବ୍ଲୁ ରକ ଷ୍ଟାର କ୍ଲବ ଯାଁଳା ସେମିରେ

ଖୋର୍ଦ୍ଧା, (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ଉପକଣ୍ଠ କୁମାରବସ୍ତ କ୍ରିକେଟ ଖେଳପଡିଆରେ ୩୨ ତମ ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ ହୋଇଯାଇଛି । ଏହି କ୍ରିକେଟ ଟୁର୍ଣ୍ଣାମେଂଟରେ ୮ ଗୋଟି ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆସନ୍ତା ମାସ ୫ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ । ଆଜିର ମ୍ୟାଚରେ ଭୁବନେଶ୍ୱରର ମଂଚେଶ୍ୱର କ୍ରିକେଟ କ୍ଲବ ଓ ଯାଁଳା ବ୍ଲୁ ରକଷ୍ଟାର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ମଂଚେଶ୍ୱର କ୍ରିକେଟ କ୍ଲବ ଟସ ଜିତି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୧ ରନ ସଂଗ୍ରହ କରିଥିଲା । ତାର ପ୍ରତି ଜବାବରେ ଯାଁଳା କ୍ରିକେଟ କ୍ଲବ ୧୯ ଓଭରରେ ୩ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା । ମଂଚେଶ୍ୱର ଦଳ ପକ୍ଷରୁ ଅମିତାଭ ରାଉତ ୨୫ ରନ(୨୦ ବଲ), କାହ୍ନା ମହାନ୍ତି ୨୨ ରନ(୧୯ବଲ)ମାନସ ମହାରଣା ୪ ଓଭରରେ ୨୭ ରନ ବ୍ୟୟ କରି ୩ଟି ଉଇକେଟ ଅକ୍ତିଆର କରିଥିଲେ । ସେହିପରି ଯାଁଳା ଦଳ ପକ୍ଷରୁ ଆଏସ ଗିରି ଅପରାଜିତ ୫୪ ରନ(୪୦ବଲ) ଓ ସତ୍ୟଜିତ ସାହୁ ଅପରାଜିତ ୨୪ ରନ(୧୯ବଲ) କରିଥିଲେ । ଏହି ଉଦଘାଟନୀ ମ୍ୟାଚରେ ସମାଜସେବୀ ମଳୟେସ ପ୍ରଧାନ ଓ ବିବି ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ ।ଖେଳକୁ ଦୁର୍ଯ୍ୟୋଧନ ପରିଡା,ଓ ସୁଶିଲ ପରିଚାଳନା କରିଥିଲେ । ଆସନ୍ତା କାଲି ଭୁବନେଶ୍ୱର ନଁପୁଟ କ୍ରିକେଟ କ୍ଲବ ଓ ଅଟ୍ଟୀର ପତିତପାବନ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

ତେଲ ଟ୍ୟାଙ୍କର ଚାପିଦେଲା ମହିଳାଙ୍କୁ , ଘଟଣାସ୍ଥଳରେ ସାମୟିକ ଉତ୍ତେଜନା

ଖୋର୍ଦ୍ଧା, (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାର ମୁଖ୍ୟ ଚିକିତ୍ସାଳୟ ନିକଟରେ ଖୋର୍ଦ୍ଧା-ବଲାଙ୍ଗୀର ୫୬ ନମ୍ବର ଜାତୀୟ ରାଜପଥରେ ଏକ ତେଲ ଟ୍ୟାଙ୍କର ମହିଳାଙ୍କ ଉପରେ ମାଡି ଯାଇଥିଲା । ଏହି ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁବରଣ କରିଥିବା ବେଳେ ସାମୟିକ ସମୟ ପାଇଁ ଉତେଜନା ହୋଇଥିଲା । ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ ନୟାଗଡ ଜିଲ୍ଲା ଖଣ୍ଡପଡା ବ୍ଲକ ବାଇଗୁଣିଆ ପଂଚାୟତର ବୋରଗାଁ ଗ୍ରାମର ଶୁକଦେବ ପ୍ରଧାନ ନିଜ ଶାଶୁ କଇଁ ନାୟକଙ୍କୁ ଶୁକ୍ରବାର ଦିନ କେମୋ ଦେବା ପାଇଁ ଭୁବନେଶ୍ୱରସ୍ଥିତ ଏମସ ହସପିଟାଲକୁ ଆସିଥିଲେ ।ସନ୍ଧ୍ୟାରେ ନିଜ ଗ୍ରାମକୁ ଓଡି୨୫ଡି୬୩୦୧ ନମ୍ବର ବିଶିଷ୍ଟ ବାଇକ ଯୋଗେ ଫେରୁଥିବା ବେଳେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ନିକଟରେ ଗହଳି ରହୁଥିବାରୁ ଭାରସାମ୍ୟ ହରାଇ ଶ୍ରୀମତୀ ନାୟକ ବାଇକ ପଛରୁ ଖସି ପଡିବାରୁ ପଛରେ ଆସୁଥିବା ଓଡି୧୮ଇ ୬୨୧୯ ନମ୍ବର ବିଶିଷ୍ଟ ଟ୍ୟାଙ୍କରଟି ତାଙ୍କ ଉପରେ ଚଢିଯାଇଥିଲା । ଏନେଇ ସାମୟିକ ସମୟ ପାଇଁ ଉତେଜନା ଲାଗିଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଗାଡିକୁ ଅଟକ ରଖା ଯାଇଥିବାର ଜଣା ପଡିଛି ।

ମେଗା ଜଳ ଓଭର ଟାଂକି ନିର୍ମାଣ କାର୍ଯ୍ୟ ବୁଲି ଦେଖିଲେ ବିଧାୟକ

ଚଣ୍ଡିଖୋଲ,(ପି.ଏନ):ରାଜ୍ୟ ସରକାର ଗ୍ରାମାଂଚଳ ଓ ସହରାଂଚଳରେ ବସବାସ କରୁଥିବା ଜନ ସାଧାରଣ ମାନଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରି ତୁରନ୍ତ ଜନ ସାଧାରଣମାନଙ୍କୁ ପାନୀୟ ଜଳ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ବିଭାଗୀୟ ପ୍ରଶାସନିକ ଅଧିକାରୀ ଓ ଠିକାଦାରମାନଙ୍କର ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏହି ମେଗା ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି । ଠିକାଦାରମାାନେ ପାଇପ୍ ବିଛାଇବା କାର୍ଯ୍ୟ ଅସଂପୂର୍ଣ୍ଣ କରିବା ସହିତ ନିର୍ମାଣାଧିନ ଓଭର ଲୋଡ୍ ଟାଂକି ନିର୍ମାଣ କାର୍ଯ୍ୟ ଅଧପନ୍ତାରିଆ କାର୍ଯ୍ୟ କରି ନିଜର କର୍ତବ୍ୟ ସଂପାଦନା କରି ଛାଡ଼ି ଦେଉଛନ୍ତି ଫଳରେ ଦୀର୍ଘଦିନ ହେଲା ଜନ ସାଧାରଣମାନେ ପାନୀୟ ଜଳ ପାଇବାରେ ବିଳମ୍ବ ହେଉଛି । ଏହି ପରିପ୍ରେକ୍ଷୀରେ ଆଜି ସୁଙ୍ଗୁଡ଼ା ଗ୍ରାମ ପଂଚାୟତ କୁମ୍ୟାର ସାହି ୨ ନମ୍ବର ୱାର୍ଡ଼ ନିକଟରେ ନିର୍ମାଣାଧିନ ୬ ଲକ୍ଷ ୮୦ ହଜାର ଲିଟର ମେଗା ଜଳ ଓଭର ଲୋଡ୍ ଟାଂକି କାର୍ଯ୍ୟ ତଦାରଖ କରିବା ସହିତ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ବିଧାୟକ ନିର୍ମାଣାଧିନ ଜଳ ଯୋଗାଣ ସ୍ଥାନ ବୁଲି ଦେଖିବା ସହ ଆଗାମୀ ଫେବ୍ରୁଆରୀ ମାସ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ୍ବାର ଅଧ୍ୟକ୍ଷ ନିରଞ୍ଜନ ସେନାପତି, ସୁଙ୍ଗୁଡ଼ା ଗ୍ରାମପଂଚାୟତ ସରପଂଚ ପ୍ରତିନିଧି ସଂଜୟ କୁମାର ସ୍ୱାଇଁ, ନାଏବ ସରପଂଚ ମସିର ଆଲାମ, ଯୁବନେତା ବିଭାଷ ଚନ୍ଦ୍ର ନନ୍ଦ, ଜିତେନ୍ଦ୍ର ସ୍ୱାଇଁ, ଜିତେନ୍ଦ୍ର ନାୟକ, ମିହିର ସ୍ୱାଇଁ, ଆଇନଜୀବୀ ଦେବରାଜ ବେହେରା, ଜ୍ୟୋତି ସଂକର ମହାପାତ୍ର, ରଶ୍ମି ରଂଜନ ଦାସ, ଆବୁ ଜାଫର, ଅମିନ ନାୟକ, ଜଗବନ୍ଧୁ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ EDITOR : Dr. Pabitra Mohan Samantaray